ଧରିତ୍ରୀ
DHARITRI
November 1-7, 2020 ₹2/-

# ଛୁଟିଦିନ



# ତୁଳସୀ

୩ ପ୍ରଚ୍ଛଦ ପ୍ରସଙ୍ଗ

ବିଷ୍ଣୁପ୍ରିୟା ସେ । ଘରେ
ଘରେ ପୂଜିତା । ପବିତ୍ର ଏହାର ପତ୍ରରୁ ମୃତ୍ତିକା
ପର୍ଯ୍ୟନ୍ତ । ମୂଳରେ ଏହାର ସବୁ ତୀର୍ଥ ।
ପୁଣି ପତ୍ରରେ ଦେବତା କରନ୍ତି ବାସ ।
ପୁରାଣରୁ ଆୟୁର୍ବେଦ, ମଣିଷର ଜନ୍ମରୁ
ମୃତ୍ୟୁ ଯାଏଁ ସବୁଠି ଲୋଡ଼ା ତୁଳସୀ....



୪ ସିନେମା



୧୩ ସହରଠୁ ଦୂର

# ଲେମ୍ବୁପାଣିର ଉପକାରିତା



ଲେମ୍ବୁ ପାଣି କେବଳ ଖରାଦିନ ନୁହେଁ ,ପ୍ରତିଦିନ ପିଇଲେ ବି ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଅଟେ । ସୁନ୍ଦର ଚେହେରା ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଲେମ୍ବୁ ବହୁତ ଉପକାରୀ । ପ୍ରତିଦିନ ଲେମ୍ବୁପାଣି ସେବନ କଲେ ଆମକୁ କ'ଣ କ'ଣ ଉପକାର ମିଳିବ ଜାଣନ୍ତୁ ସେ ସମ୍ପର୍କରେ –

➔ଲେମ୍ବୁପାଣି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ଯେଉଁମାନଙ୍କ ଶରୀରରେ ରୋଗପ୍ରତିରୋଧକ ଶକ୍ତି କମ୍ ଥାଏ, ସେମାନେ ପ୍ରତିଦିନ ବ୍ୟାୟାମ ପରେ ଲେମ୍ବୁ ପାଣି ପିଇବା ଆବଶ୍ୟକ । ଏହାଦ୍ୱାରା ଶରୀରକୁ ପ୍ରଚୁର ଶକ୍ତି ମିଳେ ଓ ହାଲିଆ ଲାଗି ନ ଥାଏ।

➔ମୋଟାପଣ ଦୂର କରିବାରେ ମଧ୍ୟ ଲେମ୍ବୁପାଣି ସାହାଯ୍ୟ କରିଥାଏ । ପ୍ରତିଦିନ ସକାଳେ ଖାଲି ପେଟରେ ଲେମ୍ବୁପାଣି ପିଇଲେ ମେଦ ବା ଶରୀରର ଚର୍ବି ଅଂଶ କମିଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି, ଯାହାକି ଅକ୍ସିଡେଶନ୍ ପ୍ରକ୍ରିୟାଦ୍ୱାରା ଶରୀର ମଧ୍ୟସ୍ଥ କୋଷିକାକୁ ହେଉଥିବା କ୍ଷତିଠାରୁ ରକ୍ଷା କରିଥାଏ।

➔ଯେଉଁମାନଙ୍କ ପାଟିରୁ ଦୁର୍ଗନ୍ଧ ବାହାରୁ ଥାଏ, ସେମାନଙ୍କ ପାଇଁ ଲେମ୍ବୁପାଣି ଅତ୍ୟନ୍ତ ଲାଭଦାୟକ । ଏହା ପାଟିରେ ଦୁର୍ଗନ୍ଧ ସୃଷ୍ଟି କରୁଥିବା ବ୍ୟାକ୍ଟେରିଆଗୁଡ଼ିକୁ ନଷ୍ଟ କରିଦିଏ ।

➔ଲେମ୍ବୁପାଣି ମୁହଁରେ ଚମକ୍ ଆଣିବା ଓ ମସୃଣ କରିବାରେ ବି ସାହାଯ୍ୟ କରିଥାଏ । ଲେମ୍ବୁରସକୁ ଫେସ୍‌ୱାଶ୍ ଭାବେ ବ୍ୟବହାର କଲେ ମୁହଁରେ ଥିବା ଡେଡ୍‌ସେଲ ବାହାରି ଯାଇଥାଏ।

➔ଅନେକଙ୍କର ଭୋକ ନ ହେବା ସମସ୍ୟା ଥାଏ। ସେମାନେ ଲେମ୍ବୁପାଣି ପିଇବା ଉଚିତ । ଏହା ପାଚନ ପ୍ରକ୍ରିୟାକୁ ତୀବ୍ର କରିଥାଏ ଓ ଭୋକ ବଢ଼ାଇଥାଏ ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୧-୭

**ମେଷ**: କର୍ମକ୍ଷେତ୍ରରେ ଉନ୍ନତି, ସ୍ତ୍ରୀଙ୍କ ପରାମର୍ଶରେ କାର୍ଯ୍ୟସିଦ୍ଧି, ସମ୍ମାନନୀୟ ବ୍ୟକ୍ତିଙ୍କ ସାହାଯ୍ୟ, ଦୂରଯାତ୍ରାର ଯୋଜନା, ପ୍ରକାଶନରେ ତ୍ରୁଟି, ଅସତର୍କତାରୁ ବିବାଦ, କରଜ କରିବାକୁ ପଡ଼ିପାରେ।

**ବୃଷ**: ଫାଇଲ୍ କାମ ବୃଦ୍ଧି, ଘରକଥା ବୁଝିପାରିବେନି, କଳହରୁ ସମ୍ପର୍କହାନି, ବନ୍ଧୁକଥାରେ ପ୍ରଭାବିତ, ଭୁଲ କାମ କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାମାଜିକସ୍ତରରେ ସମ୍ମାନ, ବନ୍ଧୁଦ୍ୱାରକୁ ଗମନ।

**ମିଥୁନ**: ପରିବାରରେ ସନ୍ଦେହ, ଭୁଲ୍ ବୁଝାମଣାରୁ କଳହ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ସତ୍ସଙ୍ଗ ଓ ଧର୍ମଚର୍ଚ୍ଚା, ସୁଯୋଗ ହରାଇବେ, ପଡୋଶୀଙ୍କ ସହଯୋଗ, ସ୍ଥଗିତ କାର୍ଯ୍ୟାରମ୍ଭ, ସଂକଟର ସମ୍ମୁଖୀନ ହେବେ।

**କର୍କଟ**: ଭାରାକ୍ରାନ୍ତ ମନ, ବନ୍ଧୁଙ୍କ ସ୍ୱାର୍ଥପରତା, ଅସଂଯତକଥାରୁ କଳହ, ଉଚ୍ଚବର୍ଗଙ୍କ ସମାଲୋଚନା, ଶାରୀରିକ ଅସୁସ୍ଥି, ରଚନାତ୍ମକ କାମରୁ ପ୍ରଶଂସା, ଆର୍ଥିକ ସ୍ୱଚ୍ଛଳତା, ଇଚ୍ଛା ବିରୋଧରେ କାମ, ଅବହେଳିତ କାର୍ଯ୍ୟରୁ ମନସ୍ତାପ।

**ସିଂହ**: ସହକର୍ମୀଙ୍କ ସହ ତିକ୍ତତା, ପ୍ରତୀକ୍ଷିତ ଖବରଟି ପାଇବେ, ବ୍ୟବସାୟର ସଙ୍କୋଚନ, ସମ୍ପର୍କୀୟ ବନ୍ଧୁଙ୍କ ସାହାଯ୍ୟ, କଳା ସାହିତ୍ୟରେ ଉନ୍ନତି, ସହକର୍ମୀଙ୍କ ବିରୋଧ, ଭ୍ରମଣହେତୁକ କ୍ଳାନ୍ତି।

**କନ୍ୟା**: ଅହେତୁକ ଚିନ୍ତା, ସୁସମ୍ପର୍କରେ ଭୁଲ୍ ବୁଝାମଣା, ଅଧାପନ୍ତରିଆ କାମର ମନସ୍ତାପ, ଆୟ ତୁଳନାରେ ବ୍ୟୟ ବୃଦ୍ଧି, ବିଶ୍ୱାସରୁ ପ୍ରତାରଣା, ମହିଳାଙ୍କ ବଦାନ୍ୟତା, ମାମୁଲି ଘଟଣାରେ ଉତ୍ତେଜିତ।

**ତୁଳା**: ଖଳ ଲୋକଙ୍କ ବିରୁଦ୍ଧାଚରଣ, ବନ୍ଧୁମିଳନର ଖୁସି, ଶ୍ରଦ୍ଧା ଓ ଅନୁରକ୍ତି ଲାଭ, ଆଶାନୁରୂପ ଫଳ, ଛଳନାତ୍ମକ କଥାରୁ ଦ୍ୱନ୍ଦ୍ୱ, ଯାନ୍ତ୍ରିକ ତ୍ରୁଟିରୁ ହଇରାଣ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ବିଦେଶଯାତ୍ରାର ଅଫର, ଆର୍ଥିକ ଦୁରବସ୍ଥା।

**ବିଛା**: ନୂତନ କାମର ପରିକଳ୍ପନା, ଗୁରୁବର୍ଗଙ୍କ ପରାମର୍ଶ, ସ୍ଥଗିତ କାମ ପାଇଁ କୈଫିୟତ୍, ପିଲାଙ୍କ ସହ ଖୁସିଗପ, ଭ୍ରମଣର ମଉକା, ଧର୍ମକାର୍ଯ୍ୟ ପ୍ରତି ରୁଚି, ସହମତିରେ କାର୍ଯ୍ୟସିଦ୍ଧି, ସମସ୍ୟା ସମାଧାନ, ଲୋକ ସମ୍ପର୍କ ବଢ଼ିବ।

**ଧନୁ**: ପଡୋଶୀଙ୍କ କ୍ରୋଧ, କାମରେ ପ୍ରତିବନ୍ଧକ, ବନ୍ଧୁଙ୍କ ବିଶ୍ୱାସଘାତକତା, ନିର୍ମାଣାଧୀନ କାର୍ଯ୍ୟର ସମାପ୍ତି, ପରିବହନରେ ବିବାଦ, ବୁଝାମଣାରେ ଦ୍ୱନ୍ଦ୍ୱ, ବାଣିଜ୍ୟରେ ଉନ୍ନତି, ପ୍ରଶଂସା ବଦଳରେ ଅଭିଯୋଗ, ଯାତ୍ରା ସ୍ଥଗିତ।

**ମକର**: ଅପ୍ରିୟ ସତ୍ୟରୁ କଳହ, ଅସାବଧାନତାରୁ ପକେଟମାର, ଜମିଜମା ଚୁକ୍ତିପତ୍ର, କିଣାବିକାରେ ଠକାମି, ପାରିବାରିକ କ୍ଷେତ୍ରରେ ଅଶାନ୍ତି, ପରୋପକାରରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତାରୁ ପୀଡା, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ଭ୍ରାତୃ ସମ୍ପର୍କରେ ଉନ୍ନତି।

**କୁମ୍ଭ**: ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ଅର୍ଥଲାଭରୁ ଆନନ୍ଦ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପାରିବାରିକ ଝଗଡା, ସମ୍ପର୍କ ଯୋଡିବାର ପ୍ରଚେଷ୍ଟା, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ, ପ୍ରାପ୍ୟଧନରେ ବାଧା।

**ମୀନ**: ଏକାଧିକ କାମରୁ ବ୍ୟସ୍ତତା, ଯାତ୍ରାରେ ଅଭିଳଷିତ ଫଳ, ଆମୋଦ ପ୍ରମୋଦର ମଉକା, ପଦମର୍ଯ୍ୟାଦା ବୃଦ୍ଧି, ଆତ୍ମୀୟସ୍ୱଜନଙ୍କ ପ୍ରତିବାଦ, ବିଳମ୍ବିତ କାର୍ଯ୍ୟରୁ ଅନୁତାପ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରୁ ଅଶାନ୍ତି, କରଜଦାତାଙ୍କ ଚାପ, ବକେୟାଅର୍ଥ ପ୍ରାପ୍ତି ।

# ବାସ୍ତୁ ଅନୁଯାୟୀ ରୋଷେଇଘର


–ବାସ୍ତୁଶାସ୍ତ୍ର ଅନୁସାରେ ଅଗ୍ନି ଦେବତା ଘରର ଦକ୍ଷିଣ–ପୂର୍ବ ଦିଗରେ ରହିବା ଉଚିତ। କେବେ ବି ରୋଷେଇ ଘର ଉତ୍ତର, ଉତ୍ତର–ପୂର୍ବ ଓ ଦକ୍ଷିଣ, ପଶ୍ଚିମ ଦିଗରରେ ରହିବା ଠିକ୍ ନୁହେଁ। କାରଣ ଏଥିଯୋଗୁ ପରିବାର ସଦସ୍ୟମାନଙ୍କ ମଧ୍ୟରେ ତିକ୍ତତା ବଢ଼ିଥାଏ।

– ଷ୍ଟୋଭ୍, ସିଲିଣ୍ଡର, ମାଇକ୍ରୋୱେଭ୍ ଓଭନ୍ ଆଦିକୁ ସର୍ବଦା ରୋଷେଇଘରର ଦକ୍ଷିଣ–ପୂର୍ବ ଦିଗରେ ରଖନ୍ତୁ। ଏହାଛଡା ରୋଷେଇ କରିବା ସମୟରେ ରୋଷେୟାର ମୁହଁ ଯେପରି ପୂର୍ବ ଦିଗକୁ ରହିବ ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ। ଏହାଦ୍ୱାରା ସକାରାତ୍ମକ ଉର୍ଜା ବଢ଼ିଥାଏ।

– ବାସ୍ତୁଶାସ୍ତ୍ର ଅନୁସାରେ ବାସନ ସଫା କରିବା ବେଶିନ, ଗ୍ୟାସ୍ ସିଲିଣ୍ଡର ଓ ଓଭନ୍ କେବେ ବି ସମାନ୍ତରାଳ ଭାବରେ ରହିବା ଉଚିତ୍ ନୁହେଁ। ନିଆଁ ଓ ପାଣି ବିପରୀତ ତତ୍ତ୍ୱ ଅଟେ। ସେଥିପାଇଁ ସେଗୁଡ଼ିକୁ ପରସ୍ପରଠାରୁ ବିପରୀତ ଦିଗରେ ରଖନ୍ତୁ। ଏଭଳି ନ କଲେ ବ୍ୟକ୍ତି ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଦମ୍ପତିଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇପାରେ।

– ରେଫ୍ରିଜରେଟର ସର୍ବଦା ଦକ୍ଷିଣ–ପଶ୍ଚିମ ଦିଗରେ ରହିବା ଆବଶ୍ୟକ। ଏହାଦ୍ୱାରା ବ୍ୟକ୍ତିଙ୍କ ଜୀବନରେ ଥିବା ସମସ୍ୟା ଦୂର ହୋଇଥାଏ।

– ଚାଉଳ, ଗହମ ଆଦିକୁ ସବୁବେଳେ ରୋଷେଇ ଘରର ଦକ୍ଷିଣ–ପଶ୍ଚିମ ଦିଗରେ ରଖନ୍ତୁ। ବିଶ୍ୱାସ ରହିଛି ଏହାଦ୍ୱାରା ପରିବାରରେ କେବେ ବି ଅଭାବ ରହିବ ନାହିଁ।



## ପାଠକୀୟ

➤ଏଥର ପ୍ରଚ୍ଛଦ ପ୍ରସଙ୍ଗ ସେଲ୍‌ଫି ବେଶ୍ ସମୟୋପଯୋଗୀ ଥିଲା। ଏଥିରେ ସେଲ୍‌ଫି ସମ୍ପର୍କିତ ଅନେକ କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାର ଗପ କବିତାଗୁଡ଼ିକ ବେଶ୍ ମନଛୁଆଁ ହୋଇଥିଲା। ନବରାତ୍ରିକୁ ନେଇ ଥିବା ବାସ୍ତୁ ସମ୍ପର୍କିତ ପାଠଟି ଭଲ ଲାଗିଲା।

*–ସୌମ୍ୟା ପରିଡା, ସମ୍ବଲପୁର*

➤ଏଥରର ପ୍ରଚ୍ଛଦ ପ୍ରସଙ୍ଗ ବହୁତ ଭଲ ଲାଗିଲା। ଏଥିରେ ପ୍ରଥମ ସେଲ୍ଫି କିଏ ଓ କେଉଁ ପରିସ୍ଥିତିରେ ଉଠାଇଥିଲେ ଜାଣିବାକୁ ମିଳିଲା। ସୃଜନ ପୃଷ୍ଠା ଓ ଅନ୍ୟାନ୍ୟ ଲେଖା ବେଶ୍ ମନଛୁଆଁ ହୋଇଥିଲା। ହାଃ ହାଃ ବେଶ୍ ମଜାଦାର ହେଉଛି।

*– ପବିତ୍ର ସାହୁ, ଗୋପ,ପୁରୀ*

➤ସୃଜନ ପୃଷ୍ଠାରେ ଦିଆଯାଇଥିବା ଗପ 'ପାନ' ବେଶ୍ ହୃଦୟସ୍ପର୍ଶୀ ଥିଲା। 'ନିର୍ବାଣ' କବିତାଟି ଛୋଟ ହେଲେ ବି ଭଲ ଲାଗିଲା। ପ୍ରଚ୍ଛଦ ପ୍ରସଙ୍ଗ ପଢି ଭଲ ଲାଗିଲା। ମଡେଲ ମିରର୍‌ରେ ପ୍ରିୟଙ୍କା ଦେବୀ ଭଳି ଲାଗୁଥିଲେ।

*–ମୋନାଲିସା ବାରିକ, କେନ୍ଦୁଝର*

➤ ସିନେମା, ପ୍ରଚ୍ଛଦ ପ୍ରସଙ୍ଗ, ସୃଜନ ପୃଷ୍ଠା ବହୁତ ଭଲ ଲାଗିଲା। କାର୍ଟୁନ କର୍ନର କଉତୁକିଆ ହେଉଛି। ହାଃ ହାଃ ବହୁତ ମଜାଦାର ଥିଲା। ସମ୍ଭାବନାର ଅନ୍ୟ ନାମ ସୁଶାନ୍ତ ପାଠଟି ପ୍ରେରଣା ମିଳିଲା।

*– ଶିବାଙ୍ଗୀ ସାହୁ, ଚୌଦ୍ୱାର, କଟକ*

➤ଚକୋଲେଟ୍‌ରେ ତିଆରି ଟେଲିସ୍କୋପ ସମ୍ପୂର୍ଣ୍ଣ ବାସ୍ତବ ପରି ଲାଗୁଥିଲା। ସତରେ କାରିଗର ଜଣକ ଚକୋଲେଟ୍‌ର ଯାଦୁକର। ପ୍ରଚ୍ଛଦ ପ୍ରସଙ୍ଗ ଭଲ ଲାଗିଲା। ଯୁବ ବିଜ୍ଞାନୀ ସୁଶାନ୍ତ ସତରେ ଆମ ଓଡ଼ିଶାର ଗର୍ବ। ଘର ସଜାଇବାକୁ ନେଇ ଟିପ୍ସ ବେଶ୍ ଉପଯୋଗୀ ଥିଲା।

*– ଅସିତ ପତି, ଯାଜପୁର*

➤ସିନେମା ପୃଷ୍ଠାର 'କଥା ଦୁଇ ବର୍ଷର', 'ରୋହିତଙ୍କ ପ୍ରଶଂସାରେ ରଣବୀର' ପାଠ ଭଲ ଲାଗିଲା। ଏଥରର ପ୍ରଚ୍ଛଦ ପ୍ରସଙ୍ଗ ବି ମତେ ବହୁତ ଭଲ ଲାଗିଲା। ହାଃ ହାଃ ପଢି ହସି ହସି ବେଦମ୍ ହେଇଗଲି। ସୃଜନ ପୃଷ୍ଠାର ଗପକବିତା ମନଛୁଆଁ ଥିଲା।

*– ଚଗଲା ବେହେରା, ନୂଆ ଗାଁ, କନ୍ଧମାଳ*

➤ହାଃ ହାଃ ଓ କାର୍ଟୁନ କର୍ନର ଆମ ଘରର ପିଲାମାନେ ଯେମିତି ହେଲେ ପଢନ୍ତି। ସିନେମା ପୃଷ୍ଠା ଓ ପ୍ରଚ୍ଛଦପ୍ରସଙ୍ଗ ମୋର ଭାରି ପ୍ରିୟ। ଏଥର ଚକୋଲେଟ୍ ଯାଦୁକର ପାଠଟି ବହୁତ ଭଲ ଥିଲା।

*– ମାନସ ଚୌଧୁରୀ, ହାଇଦ୍ରାବାଦ*

➤ସିନେମା ପୃଷ୍ଠାର 'ଅନୁତାପ କରୁଛନ୍ତି ଜାହ୍ନବୀ' ପାଠଟି ଭଲ ଲାଗିଲା। ହାଃ ହାଃ ମଜାଳିଆ ଥିଲା। ଯୁବ ବୈଜ୍ଞାନିକ ସୁଶାନ୍ତଙ୍କ କଥା ପଢି ପ୍ରେରଣା ମିଳିଲା। ପ୍ରଚ୍ଛଦ ପ୍ରସଙ୍ଗ ବି ଭଲ ଲାଗିଲା।

*–ସୋନାଲୀ ମହାପାତ୍ର, ଜଗତ୍‌ସିଂହପୁର*


### ବିଶେଷ ଚିଠି



ଛୁଟିଦିନ ସାଥେ ଆଣେ ଖୁସିର ସମ୍ଭାର
ସିନେମା, ପ୍ରଚ୍ଛଦପ୍ରସଙ୍ଗ ପୁଣି କାର୍ଟୁନ କର୍ନର
ମଡେଲ ମିରର୍‌ରେ ସୁନ୍ଦରୀ ମଡେଲ
ବ୍ୟାକ୍‌ପେଜ୍‌ରେ ପୁଣି ଅଜବ ଖବର,
ସୃଜନ ଆଣିଦିଏ ଗପ ମିଠା ମିଠା
ସପ୍ତାହର ଶେଷଦିନକୁ କରେ ସେ ସୁନ୍ଦର,
ବିତିଯାଏ ଦିନ ଆମ ଭାରି ଆନନ୍ଦରେ।
–ରୁନି, ଆନି, ବନି, ଭଦ୍ରକ

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795





# ତୁଳସୀ



"ଯନ୍ ମୂଳେ ସର୍ବ ତୀର୍ଥାନୀ ଯନ୍ ମଧ୍ୟେ ସର୍ବ ଦେବତା
ଯଦାଗ୍ରେ ସର୍ବ ବେଦାଶ୍ଚ ତୁଳସୀ ତ୍ୱଂ ନମାମ୍ୟହମ୍ ।"

**ବିଷ୍ଣୁପ୍ରିୟା ସେ ତୁଳସୀ। ଘରେ ଘରେ ପୂଜିତା । ପବିତ୍ର ଏହାର ପତ୍ରରୁ ମୃତ୍ତିକା ପର୍ଯ୍ୟନ୍ତ । ମୂଳରେ ଏହାର ସବୁ ତୀର୍ଥ । ପୁଣି ପତ୍ରରେ ଦେବତା କରନ୍ତି ବାସ । ପୁରାଣରୁ ଆୟୁର୍ବେଦ, ମଣିଷର ଜନ୍ମରୁ ମୃତ୍ୟୁ ଯାଏଁ ସବୁଠି ଲୋଡ଼ା ତୁଳସୀ...**

**ପୁରାଣ ପୃଷ୍ଠାରେ ତୁଳସୀ:** ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ଦକ୍ଷସାବର୍ଣ୍ଣିଙ୍କ ବଂଶଧର ଧର୍ମପରାୟଣ ରାଜା ଧର୍ମଧ୍ୱଜ ଓ ରାଣୀ ମାଧବୀଙ୍କ ଗର୍ଭରୁ ଲକ୍ଷ୍ମୀ ସ୍ୱରୂପିଣୀ ସର୍ବଗୁଣସମ୍ପନ୍ନା ପଦ୍ମିନୀ କନ୍ୟା 'ତୁଳସୀ' କାର୍ତ୍ତିକ ପୂର୍ଣ୍ଣିମା ଶୁକ୍ରବାରରେ ଶ୍ରୀକୃଷ୍ଣଙ୍କ ରାସସ୍ଥଳୀ ବୃନ୍ଦାବନରେ ଜନ୍ମ ଗ୍ରହଣ କରିଥିଲେ । ଗୋଲକ ବିହାରୀଙ୍କ ଅଷ୍ଟ ଗୋପପାର୍ଷଦ ମଧ୍ୟରୁ 'ସୁଦାମା' ଶ୍ରୀରାଧାଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇ ଶଙ୍ଖଚୂଡ ନାମକ ଦାନବ ରୂପେ ଜନ୍ମଗ୍ରହଣ କରିଥିଲେ । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ନିର୍ଦ୍ଦେଶରେ ତୁଳସୀ ସେହି ଶଙ୍ଖଚୂଡକୁ ବିବାହ କରିଥିଲେ । ବିଷ୍ଣୁ ଶଙ୍ଖଚୂଡକୁ ବଧ କରନ୍ତେ, ପୂର୍ବଜନ୍ମର ବୃନ୍ଦାଙ୍କ ପରିବର୍ତ୍ତିତ ରୂପ ତୁଳସୀ ବିଷ୍ଣୁଙ୍କୁ ଶିଳାରୂପ ହେବାର ଅଭିଶାପ ଦେଇଥିଲେ । ମାୟାଧରଙ୍କ ନିର୍ଦ୍ଦେଶରେ ତୁଳସୀ ଦିବ୍ୟସ୍ୱରୂପ ଗ୍ରହଣ କରି ତପସ୍ୟାର ଫଳସ୍ୱରୂପ ଗୋଲକବିହାରୀଙ୍କ ସହ ବୈକୁଣ୍ଠରେ ଲକ୍ଷ୍ମୀଙ୍କ ସହ ବିଷ୍ଣୁପ୍ରିୟା ହୋଇ ରହିଲେ। ତୁଳସୀଙ୍କ ମରଶରୀର ଗଣ୍ଡକୀ ନଦୀ ହେଲା, କେଶରାଶିରୁ ତୁଳସୀ ବୃକ୍ଷ ସୃଷ୍ଟି ହେଲା।

**ଅନେକ ନାମରେ ତୁଳସୀ :** ସାରା ବିଶ୍ୱରେ ତୁଳସୀର ପ୍ରାୟ ୧୫୦ ପ୍ରଜାତି ଦେଖାଯାଇଥାଏ। ଏହାର ବୈଜ୍ଞାନିକ ନାମ ହେଉଛି ଓସିମମ୍ ଟେନୁଇଫ୍ଲୋରମ। ଓଡ଼ିଶାରେ ଦେଖାଯାଇଥାଏ ସୁଗନ୍ଧ, ଲଣ୍ଡା ବଗୁଲି, ସୁବାସି, କପୁର, କାନ୍ତି, କପୁର ତୁଳସୀ, ଗଙ୍ଗା ତୁଳସୀ, ଦୁର୍ଲଭା, ବଣତୁଳସୀ, ରାମ ତୁଳସୀ, ଶ୍ରୀ ତୁଳସୀ, ଶ୍ୟାମ ତୁଳସୀ, କଳା ତୁଳସୀ ଆଦି। ହିନ୍ଦୁ ବେଦ ଅନୁସାରେ ତୁଳସୀ ବୈଷ୍ଣବୀ, ବିଷ୍ଣୁ ବଲ୍ଲଭା, ହରିପ୍ରିୟା, ବିଷ୍ଣୁ ତୁଳସୀ ଆଦି ନାମରେ ପରିଚିତ। ସବୁଜ ରଙ୍ଗର ପତ୍ର ଥିବା ତୁଳସୀ ଶ୍ରୀ ତୁଳସୀ ଓ ରାମ ତୁଳସୀ ନାମରେ ବି ପରିଚିତ। ଗାଢ଼ ସବୁଜ ରଙ୍ଗର ପତ୍ର ଥିବା ତୁଳସୀ ତଥା ବାଇଗଣୀ ରଙ୍ଗର ପତ୍ର ଓ ଶାଖା ଥିବା ତୁଳସୀକୁ କଳା ତୁଳସୀ ବା ଶ୍ୟାମା ତୁଳସୀ ବା କୃଷ୍ଣ ତୁଳସୀ ବୋଲି କୁହାଯାଏ। ତୁଳସୀର ଆହୁରି ଆଠୋଟି ନାମ ରହିଛି ଯଥା ବୃନ୍ଦା, ବୃନ୍ଦାବନୀ, ବିଶ୍ୱପୂଜିତା, ବିଶ୍ୱପାବନୀ, ପୁଷ୍ପସାରା, ନନ୍ଦିନୀ, ତୁଳସୀ ଓ କୃଷ୍ଣଜୀବନୀ। ପଦ୍ମ ପୁରାଣରେ କୁହାଯାଇଛି ଯେଉଁ ସ୍ଥାନରେ ତୁଳସୀ ଉଦ୍ୟାନ ରହିଥାଏ ତାକୁ ତୀର୍ଥସ୍ଥାନ ରୂପେ ମାନ୍ୟତା ମିଳେ। ତୁଳସୀ ମୂଳରେ ସମସ୍ତ ତୀର୍ଥ, ପତ୍ରରେ ଦେବତାଗଣ ବାସ କରନ୍ତି। ଏହା ମୂଳର ମାଟି ବି ପବିତ୍ର। ମସ୍ତକରେ ଏହାକୁ ଲଗାଇଲେ ମନରେ ସ୍ଥିରତା ଆସେ। ଏକାଗ୍ରତା ବଢ଼େ। ମନ ଶୁଦ୍ଧ ହୁଏ। ବିଶ୍ୱାସ ରହିଛି ଯେ–ପୂର୍ଣ୍ଣିମା, ଅମାବାସ୍ୟା, ଦ୍ୱାଦଶୀ, ସଂକ୍ରାନ୍ତି, ମଧ୍ୟାହ୍ନକାଳ, ତ୍ରିସନ୍ଧ୍ୟା, ଅଶୌଚ, ରାତ୍ରିରେ ପିନ୍ଧିଥିବା ବସ୍ତ୍ର, ତୈଳ ଲଗାଇବା ପରେ ତୁଳସୀ ପତ୍ର ଚୟନ କଲେ ଶ୍ରୀହରୀଙ୍କ ମସ୍ତକ ଛେଦନ ପରି ହୋଇଥାଏ।



ବିଷ୍ଣୁପ୍ରିୟା ସେ। ଘରେ ଘରେ ପୂଜିତା । ପବିତ୍ର ଏହାର ପତ୍ରରୁ ମୃତ୍ତିକା ପର୍ଯ୍ୟନ୍ତ । ମୂଳରେ ଏହାର ସବୁ ତୀର୍ଥ । ପୁଣି ପତ୍ରରେ ଦେବତା କରନ୍ତି ବାସ । ପୁରାଣରୁ ଆୟୁର୍ବେଦ, ମଣିଷର ଜନ୍ମରୁ ମୃତ୍ୟୁ ଯାଏଁ ସବୁଠି ଲୋଡ଼ା ତୁଳସୀ....

**ତୁଳସୀପ୍ରିୟ ମହାପ୍ରଭୁ:** ଲୀଳାମୟ ଠାକୁର ଶ୍ରୀଜଗନ୍ନାଥଙ୍କୁ ରସିକରାଜ କୁହାଯାଏ। ତାଙ୍କର ବିଭିନ୍ନ ନୀତି ଓ ବେଶରେ ଭିନ୍ନ ଭିନ୍ନ ରଙ୍ଗ ଓ ବାସ୍ନାର ଫୁଲ ଲାଗିଥାଏ। ଶ୍ରୀମନ୍ଦିରରେ ହେଉ କି ପହଣ୍ଡିରେ ଅବା ରଥ ଉପରେ ଫୁଲରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ତେବେ ମଥାରେ ସର୍ବଦା ତୁଳସୀ ଶୋଭାପାଏ। ତୁଳସୀ ଓ ଦୟଣାପ୍ରିୟ ହେଉଛନ୍ତି ଶ୍ରୀଜଗନ୍ନାଥ। ତାଙ୍କ ପୂଜାରେ ତୁଳସୀ, ମସ୍ତକରେ ତୁଳସୀ, ଆଉ ମହାପ୍ରସାଦରେ ବି ତୁଳସୀ। ତୁଳସୀ ପଡ଼ିଲେ ହିଁ ଭୋଗ ପାଲଟେ ମହାପ୍ରସାଦ। ତୁଳସୀପ୍ରିୟ ଠାକୁର ସେ। ସେଇଥିପାଇଁ ତ ମହାପ୍ରଭୁଙ୍କ ଟାହିଆ, ଟୋପର, ଗୁଣା, ନାକଚଣା ସମେତ ପ୍ରତିଟି ପୁଷ୍ପାଳାଙ୍କାରରେ ତୁଳସୀ ବ୍ୟବହୃତ ହୋଇଥାଏ। ଠାକୁରଙ୍କର ଛଡ଼ାତୁଳସୀ ଟିକେ ପାଇଗଲେ ଭକ୍ତର ମନ ପୂରିଉଠେ। ତୁଳସୀରେ ପୂଜା, ତୁଳସୀରେ ଉପଚାର, ତୁଳସୀରେ ଆଜ୍ଞା ଓ ତୁଳସୀରେ ଅନୁରାଗ। ପ୍ରଭୁଙ୍କର ଏମିତି କୌଣସି ନୀତି ନାହିଁ, ଯେଉଁଠି ତୁଳସୀ ନ ଥାଏ। ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, 'ଭଗବାନ ବିଷ୍ଣୁଙ୍କର ଅତି ପ୍ରିୟ ତୁଳସୀ। ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତିଦିନ ପୁଷ୍ପମଣ୍ଡିତ ସମୟରେ ଫୁଲମାଳାରେ ତୁଳସୀ ଦିଆଯାଇଥାଏ। ମହାପ୍ରଭୁ ତୁଳସୀର ମାଳ ପିନ୍ଧିବାକୁ ଭଲ ପାଆନ୍ତି। ଶ୍ରୀଅଙ୍ଗରେ ତୁଳସୀ ମଞ୍ଜରୀ ପ୍ରଦାନ କଲେ ମହାପ୍ରଭୁ ସମସ୍ତ ମନୋବାଞ୍ଛା ପୂରଣ କରିଥାଆନ୍ତି ବୋଲି ବିଶ୍ୱାସ ରହିଛି। ଏମିତି ବି କୁହାଯାଏ ଯାହା ଘରେ ତୁଳସୀ ଚଉରା ଥାଏ ସେ ଘରେ ଦୈବୀ ଦୁର୍ବିପାକ ହୋଇ ନ ଥାଏ। ପ୍ରତିଦିନ ସକାଳେ ସ୍ନାନ ସାରି ଯେଉଁ ବ୍ୟକ୍ତି ତୁଳସୀ ବୃକ୍ଷରେ ପାଣି ଦିଅନ୍ତି ସେମାନଙ୍କର ସବୁପ୍ରକାର ଉନ୍ନତି ହୋଇଥାଏ ବୋଲି ଡ. ଦାଶ କହନ୍ତି।

**ଦାସିଆ ପୀଠର ତୁଳସୀ:** ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ସେବା ମଧ୍ୟରେ ତୁଳସୀ ସେବା ଅନ୍ୟତମ। ପ୍ରତିଦିନ ସାଆନ୍ତଙ୍କ ପାଖରେ ଲାଗି ହୁଏ ତୁଳସୀ। ଆଉ ଏଇ ତୁଳସୀ ଆସେ ଭକ୍ତ ଦାସିଆ ବାଉରୀଙ୍କ ପୀଠ ପିପିଲି ନିକଟସ୍ଥ ବାଲି ଗାଁରୁ। ଦାସିଆ ବାଉରୀଙ୍କ ସ୍ମୃତିରେ ଏଠାରେ ତୁଳସୀ ବଣ କରାଯାଇଛି। କି ଖରା, କି ବର୍ଷା ସବୁଦିନ ମା' ବୃନ୍ଦାବତୀଙ୍କୁ ପୂଜା କରି ତୁଳସୀ ପତ୍ର ସଂଗ୍ରହ କରି କାଳିଆ ଠାକୁରଙ୍କ ପାଇଁ ପଠାଯାଏ। ଖାଲି ତୁଳସୀ ନୁହେଁ, ଏଠାକାର



# ପୁରୁଣା ପୋଷାକ ନୂଆଲୁକ୍



**ନୂଆ ପୋଷାକ ପିନ୍ଧିବାକୁ, ଫ୍ୟାଶନେବଲ ଲାଗିବାକୁ ସମସ୍ତଙ୍କୁ ଭଲ ଲାଗେ। କିନ୍ତୁ ସବୁବେଳେ ନୂଆ ନୂଆ ପୋଷାକ କିଣିବା ସମ୍ଭବ ନୁହେଁ, ଏହା ବଜେଟ୍ ବିରୋଧୀ। ତେଣୁ ପୁରୁଣା ଆଉଟ୍ ଫିଟ୍‌କୁ ମିକ୍ସମ୍ୟାଚ କରି ଜଣେ ଚାହିଁଲେ ନୂଆ ଲୁକ୍ ପାଇପାରିବେ। ଆଉ ବିନା ଖର୍ଚ୍ଚରେ ଲାଗିବେ ଷ୍ଟାଇଲିସ୍...**



**ବେଲ୍ଟ ଦ୍ୱାରା ଷ୍ଟାଇଲ୍–** ବେଲ୍ଟକୁ କେବଳ ପ୍ୟାଣ୍ଟରେ ବାନ୍ଧିବା ଛଡା ବି ବିଭିନ୍ନ କ୍ରିଏଟିଭ୍ ଲୁକ୍ ଦେଇପାରିବ । ଯଦି ଆପଣ ସ୍ଲିମ୍ ଅଛନ୍ତି ତେବେ ଷ୍ଟାଇଲିସ୍ ବେଲ୍ଟ କ୍ୟାରି କରିପାରିବେ । ଲଙ୍ଗ ଟି–ଶାର୍ଟ ବା ଶାର୍ଟରେ ଅଧାରେ ବେଲ୍ଟ ଲଗାଇ ୱାନ୍ ପିସ୍ ଡ୍ରେସ୍ ଭାବେ ପିନ୍ଧିପାରିବେ । ହ୍ୱାଇଟ୍ ଶାର୍ଟ ବା ଡ୍ରେସ୍ ସହିତ ଥିନ୍ ବା ବିଗ୍ ବେଲ୍ଟ ଟିମ୍‌ଅପ୍ କରିପାରିବେ ।

**ବଟମ୍ ୱିୟର–** ଅଲଗା ଅଲଗା ବଟମ୍ ୱିୟର ସହ ଟପ୍‌ସ ନୂଆଲୁକ୍ ଦେଇ ପାରିବ । ଯଦି ହ୍ୱାଇଟ୍ ଶାର୍ଟ ପିନ୍ଧୁଛନ୍ତି , ତେବେ ତା'ସହିତ ପ୍ରିଣ୍ଟେଡ୍ ଲଙ୍ଗସ୍କର୍ଟ, ଲେଗିନ୍ସ, ଜିନ୍ସ ପିନ୍ଧି ପାରିବେ ।

**ଜ୍ୟାକେଟ୍ ଫ୍ୟାଶନ୍–** ସବୁଦିନିଆ ଆଉଟ୍‌ଫିଟ୍‌ରେ ପ୍ରତିଥର ନୂଆଲୁକ୍ ଦେବା ପାଇଁ ଜ୍ୟାକେଟ୍ ଯଥେଷ୍ଟ । ସିଙ୍ଗଲ କଲର୍ ଶାର୍ଟ, ଡ୍ରେସ୍ କିମ୍ବା ଟପ୍ସ ସହିତ କଲରଫୁଲ ଜ୍ୟାକେଟ୍ ପିନ୍ଧିପାରିବେ । ଏହା ଆପଣଙ୍କର ପୂରା ଲୁକ୍ ବଦଳାଇଦେବ ।

**ସ୍କାର୍ଫ–** ସ୍କାର୍ଫ କେବଳ ମୁଣ୍ଡରେ ବାନ୍ଧିବା ପାଇଁ ନୁହେଁ, ଏହା ଆଉଟ୍‌ଫିଟ୍‌ରେ ମଧ୍ୟ ନୂଆ ଲୁକ୍ ଦେଇପାରେ । ଆପଣ କଲରଫୁଲ ସ୍କାର୍ଫକୁ ବେକରେ ଟାଇ ପରି ଡିଜାଇନ୍ କରିପାରିବେ । ପ୍ୟାଣ୍ଟରେ ବେଲ୍ଟ ଭାବେ ମଧ୍ୟ ବ୍ୟବହାର କରିପାରିବେ । ପ୍ୟାଣ୍ଟରେ ସ୍କାର୍ଫ ବାନ୍ଧିବା ଷ୍ଟାଇଲ ବି ଏବେ ଟ୍ରେଣ୍ଡରେ ରହିଛି ।


**ଫୁଟ୍ ୱିୟର–** ଫୁଟ୍ ୱିୟର ଲୁକ୍‌କୁ ପୂରା କରିଥାଏ । ସେଥିପାଇଁ ଅଲଗା ଅଲଗା ଆଉଟ୍‌ଫିଟ୍ ସହିତ ଅଲଗା ଫୁଟ୍ ୱିୟର ପିନ୍ଧିବା ଆବଶ୍ୟକ । ଏଥନିକ୍ ଆଉଟ୍‌ଫିଟ୍ ସହିତ ହିଲ ପିନ୍ଧିଲେ ଆପଣଙ୍କୁ ଫେମିନାଇନ୍ ଲୁକ୍ ମିଳିବ । ସେମିତି ଜିନ୍ସ, ୱାନ୍‌ପିସ୍ ଆଉଟ୍‌ଫିଟ୍ ଆଦିରେ ସ୍ନିକର୍ସ କିମ୍ବା ଜୋତା ପିନ୍ଧିଲେ ଏହା ଫଙ୍କି ଲୁକ୍ ଦେଇଥାଏ ।







# ମଞ୍ଚ ନାଟକର ନିଆରା ରୂପକାର



**ଏକକ ଅଭିନୟରେ ତାଙ୍କର ରହିଛି ଭିନ୍ନ ପରିଚୟ। ରାଜ୍ୟ, ଦେଶ ଓ ବିଦେଶରେ ଆୟୋଜିତ ଅନେକ ନାଟକ ଶିବିରରେ ଯୋଗଦେଇ ନାଟ୍ୟକଳା ଅନୁଭୂତିକୁ ପୁଞ୍ଜିକରି ନାଟକରେ ଅଭିନୟ କରିବା ଏବଂ ନିର୍ଦ୍ଦେଶନା ଦେବା ଏପରିକି ପରିଚାଳନା ଆଦି କ୍ଷେତ୍ରରେ ମଧ୍ୟ ଦକ୍ଷତା ହାସଲ କରିଛନ୍ତି।**

ନାଟକକୁ କୁହାଯାଏ ପଞ୍ଚମବେଦ। ତେବେ ନାଟ୍ୟମଞ୍ଚରେ ଅନ୍ତରଙ୍ଗ ନାଟକ ହେଉ କି ଚେତନାଧର୍ମୀ ଆଦି ନାଟକର ବିଭିନ୍ନ ଚରିତ୍ରରେ ସେ ଅଭିନୟ କରି ଖୁସି ହୋଇଥାନ୍ତି। ପୁଣି ଏକକ ଅଭିନୟରେ ତାଙ୍କର ରହିଛି ଭିନ୍ନ ପରିଚୟ। ରାଜ୍ୟ, ଦେଶ ଓ ବିଦେଶରେ ଆୟୋଜିତ ଅନେକ ନାଟକ ଶିବିରରେ ଯୋଗଦେଇ ନାଟ୍ୟକଳା ଅନୁଭୂତିକୁ ପୁଞ୍ଜିକରି ନାଟକରେ ଅଭିନୟ କରିବା ଏବଂ ନିର୍ଦ୍ଦେଶନା ଦେବା ଏପରିକି ପରିଚାଳନା ଆଦି କ୍ଷେତ୍ରରେ ନିଜର ଦକ୍ଷତା ହାସଲ କରିବା ସହିତ ନାଟକ ଅଭିନୟ କ୍ଷେତ୍ରରେ ମଧ୍ୟ ପିଜି କରିଛନ୍ତି। ସେ ହେଲେ ସୁଜାତା ପ୍ରିୟମ୍ବଦା, ପିତା ଶରତ ଚନ୍ଦ୍ର ଚୌଧୁରୀ, ମା' ବିଜୟଲକ୍ଷ୍ମୀ ଚୌଧୁରୀ।

ସେ କୁହନ୍ତି ପିଲାଟିଦିନୁ ଦୂରଦର୍ଶନରେ ବିଭିନ୍ନ ନାଟକ ଓ ସିନେମା ଦେଖିଲେ କଳାକାରମାନଙ୍କ ଅଭିନୟ ପ୍ରତି ଆକୃଷ୍ଟ ହୋଇ ଖୁସି ହୋଇ ପଡୁଥିଲି। ନିଜେ ଯଦି ଏମିତି କଳାକାରଟିଏ ହୋଇପାରିବି ତେବେ ମତେ ଲୋକମାନେ ଭଲ ପାଇବେ। ଏପରିକି ସମାଜର ଉନ୍ନତିରେ ସହାୟକ ହୋଇପାରିବି। ଏକଥା ଚିନ୍ତା କରି ସ୍କୁଲ ବୟସରେ ଗୀତ ଓ ନାଚ ଶିଖୁଥିଲି ବୋଲି ଘରୁ ବହୁ କଟକଣାରେ ଯିବାକୁ ପଡ଼ିଛି। ଏମିତିରେ ଥରେ ରାଉରକେଲାରେ ମହୁମାଛି ଅନୁଷ୍ଠାନ ତରଫରୁ ଶିଶୁ ନାଟକ ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିଲି, କିନ୍ତୁ ଅସଫଳ ହେଲି। ପରେ ସୁଶିଳାବତୀ ମହିଳା କଲେଜ ଛାତ୍ରୀ ସଂସଦର ସମ୍ପାଦିକା ହୋଇଥିବା ବେଳେ କଲେଜ ବାର୍ଷିକ ଉତ୍ସବରେ ମହିଷମର୍ଦ୍ଦିନୀ ଗୀତିନାଟ୍ୟରେ ନାରଦ ଚରିତ୍ରରେ ଅଭିନୟ କରିଥିଲି। ୧୯୯୪ ମସିହାରେ ଢେଙ୍କାନାଳଠାରେ ଆୟୋଜିତ ଏକ ନାଟକ କର୍ମଶାଳାରେ ଯୋଗ ଦେଇଥିଲି। ସମୟକ୍ରମେ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମା ଦିଲ୍ଲୀ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କଲିକତା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମି ଆଦି ସଂସ୍ଥାର ଶିବିରରେ ଯୋଗଦେଇଛି। କିଛି ଦିନ ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ଜଣେ ଅସ୍ଥାୟୀ ରେଡ଼ିଓ କଳାକାର ଭାବେ କାର୍ଯ୍ୟ କରିଛି। ଆକାଶବାଣୀ ରାଉରକେଲାରେ ଘୋଷକ ଭାବେ କାର୍ଯ୍ୟ କରିଥିଲି। କିନ୍ତୁ ସୁବୋଧ ପଟ୍ଟନାୟକଙ୍କ ନାଟ୍ୟ ଚେତନା ତରଫରୁ ଆୟୋଜିତ ମହିଳାଙ୍କ ଉଦ୍ଦେଶ୍ୟରେ ନାଟକ ଲେଖିବା, ଅଭିନୟ କରିବା, ନିର୍ଦ୍ଦେଶନା ଦେବା ଓ ପରିଚାଳନା ଆଦି ବିଷୟରେ ତାଲିମ ମଧ୍ୟ ପାଇଛି। ଚେତନାଧର୍ମୀ ନାଟକ-କଳାପାଣି, ୨୫ ଭୂତ, ମାୟାଜାଲ, ଧଳାସୁନା, ମାଟିଏ ପାଣି, ଜଙ୍ଗଲ ଯନ୍ତା ଆଦି ନାଟକ ଓ ଅନ୍ତରଙ୍ଗ ନାଟକ ଭାବେ କାଠ, ଗୀତ, ଭୂତ, ଫୁଲ, ନିଆଁ, ବାବୁ ଓ ରେବତୀ ଆଦିରେ ଅଭିନୟ କରିଛି। ପୁରୀ, କଟକ, ଖୋର୍ଦ୍ଧା, ଗଞ୍ଜାମ, କେନ୍ଦ୍ରାପଡ଼ା, ଜଗତସିଂହପୁର, ବାଲେଶ୍ୱର, ସୁନ୍ଦରଗଡ଼, ନୟାଗଡ଼, କଳାହାଣ୍ଡି, ଫୁଲବାଣୀ ଆଦି ଜିଲାର ବିଭିନ୍ନ ସ୍ଥାନରେ ଆୟୋଜିତ ନାଟ୍ୟ ମଞ୍ଚରେ ଅଭିନୟ କରିଛି। ଦିଲ୍ଲୀ, ଆସାମ, ମେଘାଳୟ, ତ୍ରିପୁରା ଆଦି ଦେଶର ବିଭିନ୍ନ ସ୍ଥାନରେ ଓ ନେପାଳ, ଇଂଲଣ୍ଡ, ନେଦରଲାଣ୍ଡ, ଫ୍ରାନ୍ସ, ଇଟାଲୀ, ବାଂଲାଦେଶ ଭଳି ବିଦେଶରେ ବି ଓଡ଼ିଆ ଭାଷାରେ ନାଟକ କରିପାରିଛୁ। ଏଯାଏ ପ୍ରାୟ ୫୦ଟି ନାଟକରେ, ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ମଞ୍ଚରେ ଅଭିନୟ କରିଛି। ନାଟକ ଏକ ଜଗତୀ ଭାଷା। ଦର୍ଶକମାନଙ୍କୁ ନାଟକ ଦେଖିଆସିବା ପାଇଁ କହିଥାଉ। ନାଟକରେ ଅଭିନୟ ବେଳେ ଅଙ୍ଗଭଙ୍ଗୀ, ମୁଖରଠାଣି, ଆବେଗ, ସ୍ୱରରେ ଶବ୍ଦ ସଂଳାପକୁ ଫୁଟାଇ ଦର୍ଶକମାନଙ୍କୁ ବୋଧଗମ୍ୟ କରାଇବାକୁ ଚେଷ୍ଟାକରୁ। ନାଟକ ପରିବେଷଣ ପରେ ଲୋକମାନଙ୍କଠାରୁ ମତାମତ ଗ୍ରହଣ କରିଥାଉ। ସେମାନେ ନାଟକକୁ ଶୃଙ୍ଖଳାର ସହିତ ଦେଖିଥାନ୍ତି। ସୀମିତ ସମୟ, କଳାକାର, ବିଷୟ, ସଙ୍ଗୀତ ଆଦି ଲୋକଙ୍କ ମନଛୁଆଁ କିପରି ହୋଇପାରିବ ସେଥିପାଇଁ ଧ୍ୟାନ ଦେଇଥାଉ। ମୁଖ୍ୟତଃ ପରିବେଶ, ସାଂସ୍କୃତିକ ଅବକ୍ଷୟ, ଏକତା, ମହିଳା, ଶିଶୁ, ଆର୍ଥିକ ଶୋଷଣ ଆଦି କ୍ଷେତ୍ର ପ୍ରତି ଦୃଷ୍ଟି ଦେବାକୁ ହୁଏ। 'ସୀତା ଅସୀତା' ନାଟକ ବେଳେ ପିପିଲିଠାରେ ଜଣେ ମହିଳା ମୋ ପ୍ରତି ବହୁତ ଖୁସି ହୋଇପଡ଼ିଥିଲେ, ସବୁଦିନ ମନେରହିବ। କରୋନା ସମୟରେ ଜଣେ ଦାଦନ ଫେରନ୍ତା ମହିଳା ଶ୍ରମିକ ତା'ର ୧୭ଦିନର ଶିଶୁକୁ କାନ୍ଧରେ ବାନ୍ଧି କିପରି ଶହ ଶହ କି.ମି. ଦୂରରୁ ଗାଁକୁ ଫେରୁଛି ତା'ର ଦୁଃଖ ବିଷୟରେ 'ମୁଁ ତୋ ମା' ନାଟକରେ ଅଭିନୟ କରିଥିଲି। ହଁ, ମୋର ଏହି ନାଟ୍ୟ ପ୍ରତିଭା ପ୍ରତି ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କାର ମିଳିଛି। କିନ୍ତୁ ଲୋକଙ୍କୁ ଏହି କ୍ଷେତ୍ରରେ ଅଧିକ ଖୁସି ଦେଇପାରିଲେ, ତା' ହେବ ଅସଲ ପୁରସ୍କାର। ସେବେଠାରୁ ଆଉ ପଛକୁ ଫେରିନି। କିନ୍ତୁ ମୋ ମତରେ ନାଟକ ଚିରଞ୍ଜନଧର୍ମୀ ହେବା ଉଚିତ।

-ବନବିହାରୀ ବେହେରା











# ଗାର

**-ପବିତ୍ର ବ୍ରହ୍ମପୁତ୍ର ନାୟକ**

ମୁଁ ଟାଣିଦେଲି ଗାର
କେହି କେହି ଭାବିଲେ ଲକ୍ଷ୍ମଣରେଖା
କେହିକେହି ଭାବିଲେ ପିମ୍ପୁଡି ବସା
ବାସ୍ତବରେ ମୁଁ ଗାର ଟାଣି ନଥିଲି
ମୋର ବାଁ ପାଦର ବୁଢା ଆଂଗୁଳିର ଏ
କାରନାମା
ମୁଁ ଟାଣିଦେଲି ଗାର
କେହି କହିଲେ ଏଇଠୁ ସରିଛି ଗୋଟେ ରାସ୍ତା
ଆଉ କେହି ଭାବିଲେ ଏଠି ଗୋଟେ ବନ୍ଧ ଥିଲା
ଏବେ ନାହିଁ
ବାସ୍ତବରେ ମୁଁ ଟାଣି ନଥିଲି ଗାର
ମୋର ବାଁ ପାଦର ବୁଢା ଆଂଗୁଳିର ଏ
କାରନାମା
ମୁଁ ଟାଣିଦେଲି ଗାର
କେହି କହିଲେ ଏଠି ବହିବ ଏକ ନଦୀ
କେହି କହିଲେ ଏଠି ବୋଧେ ଥିଲା ସୁଡଙ୍ଗ
କେହି କହିଲେ ଏଠି ହେବ ସର୍କାରୀ ଡ୍ୟାମ୍
ନିଷ୍କାସିତ ହେବ ଆବର୍ଜନା
ବାସ୍ତବରେ ମୁଁ ଟାଣି ନଥିଲି ଗାର
ଗାର ପରି କିଛି ଗୋଟେ ଟଣା ହେଇଥିଲା
ମୋ ନିତିଦିନିଆ ରାସ୍ତାରେ ।

*– ରାଜନଗର, କେନ୍ଦ୍ରାପଡା*
*ମୋ : ୯୪୩୭୬୧୩୪୩୮*



# ଦେବୀ

**-ଅମିୟ ବେଜ**

ମା'ଙ୍କ ଲେଉଟାଣି ପରେ ....

ସତେଯେମିତି ମାସକ ତଳୁ ମା'ଙ୍କ ଆଗମନ, ମା'ଙ୍କ ଆଗମନ, କହିକହି ଜନ୍ମେଇଥିବା ସବୁଯାକ ଉତ୍ସାହ ସରିଗଲା ଆଜିଠାରୁ ! କାଶତଣ୍ଡୀର ଶ୍ୱେତ ଗାଲିଚା ସବୁ ଉଜୁଡି ଗଲା ଏବେଠାରୁ ! ମଉଳିଗଲା ପାର୍ବଣର ସବୁଯାକ ମହକ । ବନ୍ଦ ହୋଇଗଲା କୋଳାହଳ କଳରବ । ସୁଲିମା' ମରିଗଲା ଆଜି ସକାଳୁ । ଦି'ମାସ ହେଲାଣି ବିଛଣାରେ ପଡିଥିଲା । ନିଜର ବୋଲି ଅର୍ଦ୍ଧପାଗଳୀ ଝିଅ ସୁଲି । ପାଗଳୀ ବୁଝିପାରିଥିଲା ଯେ' , ମା' ନାହିଁ ତ ସାହା ନାହିଁ । ଏଇକଥାକୁ ତା' ଛାତିଫଟା କାନ୍ଦରେ ସମସ୍ତଙ୍କୁ ବତାଉ ଥିଲା ବାହୁନି ବାହୁନି ସୁଲି । ଧୀରେଧୀରେ ବସ୍ତିଯାକ ଠୁଳ ହେଲେ । ହେବେନି ବି କେମିତି ? ସୁଲିମା' ସମସ୍ତଙ୍କ ମା' ଥିଲା । ପାରିଲାଯାଏଁ ଭଲମନ୍ଦରେ ବିନା ଡାକରାରେ ପହଞ୍ଚୁଥିଲା ଯାଇ ପର ଦୁଆରେ । ବିନା ପାଉଣାରେ ମୁରବି ସାଜି କାମ ଉଠାଇ ଫେରୁଥିଲା ଘରକୁ । ସୁଲିମା କହେ ପ୍ରକୃତରେ ଚଳଣିରେ ଅସୁବିଧା, ଥିଲାବାଲାଏ ଭୋଗନ୍ତି । ଗରିବ ଗୁରୁବାଙ୍କ ଅଡୁଆ କିଛି ନ ଥାଏ । ସେମାନେ ଭୋକ ସମ୍ଭାଳି ନିଅନ୍ତି । ସମସ୍ତେ ଚିନ୍ତା କରୁଥିଲେ ସୁଲିକୁ କିଏ ସମ୍ଭାଳିବ ଏବେ ? ମାନିବୋଉ କହୁଥିଲା , ବୁଢୀ ସବୁବେଳେ କୁହେ ପାଗଳୀର ଆୟୁଷଟା' ଆଗ ପୂରିଯା'ନ୍ତା କି ! ଦେଖିଲାବେଳକୁ ବୁଢୀ ଝିଅକୁ ଛେଉଣ୍ଡ କରି ଚାଲିଗଲା ତରତରରେ । ଯାହେଉ ସାହିଭାଇ ମିଶି ଉଠାଇନେଲେ ଶବ । ପଛେପଛେ ଧାଉଁଥିବା ସୁଲିକୁ ମାଇପିଏ ଭିଡ଼ି ଧରି ତୁଠକୁ ନେଇଗଲେ । ବଡ ପୋଖରୀର ଦୃଶ୍ୟ ଖୁବ୍ କରୁଣ ଥିଲା । ଗଲାକାଲି ଆଖପାଖ ଦୁର୍ଗାମା'ଙ୍କ ମେଢ ସବୁ ଏଇଠେଇ ବିସର୍ଜନ କରାଯାଇଥିଲା । ମା'ଙ୍କର ମୃଣ୍ମୟୀ ଖଣ୍ଡବିଖଣ୍ଡିତ ହୋଇ ପୋଖରୀ ସାରା ଭାସୁଥିଲା ।

ତିରୋଧାନ ଆଉ ବିସର୍ଜନ ଏକା କଥାକି ?

ତେବେ ମା'ମାନେ ଅମର ନ ହୋଇ ମରିଯାନ୍ତି କାହିଁକି ?

ସୁଲିପାଗଳୀ କ'ଣ ବୁଝୁଥିଲା କେଜାଣି ହୁଡା ଉପରେ ନାଚୁଥିଲା କହିକହି – ମା' ମରିଗଲା , ମା' ମରିଗଲା ...

*–ଘଟଗାଁ*
ମୋ–୯୪୩୭୬୩୧୭୧୯



# ଦ୍ୱିପାକ୍ଷ

**-ସରିତା ରଥ**

ଶାଖା ମେଲାଇ ବଢୁଥିବା ଗଛଟି କହୁଥିଲା
ହେତ ! ଏ ଅପୁଷ୍ଟକ ମାଟି

ମାଟିର ଛାତି କରତି ହୋଇ ଯାଇଥିଲା
ଭାବୁଥିଲା ଆକାଶକୁ ଚାହିଁ
ବଉଦ ଚିରି ଅଜାଡି ହୋଇ ପଡନ୍ତେ କି ଅତିକାୟ
ବର୍ଷାବିନ୍ଦୁ ମାନେ
ତାଙ୍କୁ ସାହାରା କରି ଆଉଁସି ଦେଇ ପାରନ୍ତା

ସବୁ ପତ୍ରର ଶିରାଳ ପାପୁଲି
କିଛି ଗୋଟେ ମିଛ ବାହାନାରେ

ପ୍ରେମ ଓ ବାତ୍ସଲ୍ୟରେ ହନ୍ତସନ୍ତ ଲୁହରେ ଲେଖନ୍ତା
ଲବଣାକ୍ତ ଦୁଇଗୋଟି ପ୍ରଶ୍ନ ଆହାଃ !
କାହିଁକି ଅଧିକାର ନାହିଁ ଗଛଟିର ମାଟି ଖୋଜିବାରେ
ଆଉକାହିଁକିଆକାଶକୁଚୁମୁଥିବାପଲ୍ଲବିତଶାଖାମାନେ
କେବେ ଛୁଅନ୍ତିନି ମାଟିର ମାଟିଆ ମୁହଁ !

**– ମୁମ୍ବାଇ**
ମୋ–୯୩୨୩୭୬୪୬୫୮

# ଅପେକ୍ଷାର ଫଳ ମିଠା

କଥାରେ ଅଛି ଅପେକ୍ଷାର ଫଳ ମିଠା। ଦେଖୁନାହାନ୍ତି, ବେଶ୍ କିଛି ମାସ ଅପେକ୍ଷା କରିବା ପରେ କେମିତି ସେ ଖୁସିରେ ଉଛୁଳୁଛନ୍ତି। କାରଣ କ'ଣ ଜାଣନ୍ତି ? ଯେଉଁ ସିନେମାକୁ ନେଇ ସେ କେତେ ସ୍ୱପ୍ନ ଦେଖିଥିଲେ ତାହା ଶେଷରେ ରିଲିଜ ହେବାକୁ ଯାଉଛି। ସେ ନାୟିକା ଜଣକ ହେଲେ କିଆରା ଆଡଓ୍ୱାନୀ। କରୋନା ମହାମାରୀ ପାଇଁ ବେଶ୍ କିଛି ମାସ ଧରି ବଲିଉଡ୍‌ରେ ସବୁ ଯେମିତି ଠପ୍ ହୋଇଯାଇଥିଲା। ହେଲେ ଅନଲକ୍ ପରେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରି ଏବେ ହିନ୍ଦୀ ସିନେମାର ଶୁଟିଂ ଜୋର୍‌ସୋର୍‌ରେ ଚାଲିଛି। ତା'ସହ ଓଟିଟି ଫର୍ମାଟରେ ହିନ୍ଦୀ ଫିଲ୍ମ ରିଲିଜ ହେଉଛି। ଯେହେତୁ ପ୍ରେକ୍ଷାଳୟ ବନ୍ଦ ରହିଛି ତେଣୁ ପ୍ରଯୋଜକମାନେ ଏହି ପ୍ରଣାଳୀକୁ ଆପଣେଇ ନେଇଛନ୍ତି। ସେହି ଧାରାରେ କିଆରାଙ୍କ ଅଭିନୀତ 'ଲକ୍ଷ୍ମୀ ବମ୍' ଫିଲ୍ମ ମଧ୍ୟ ରିଲିଜ ହେବ। ଅର୍ଥାତ୍, କୋଭିଡ୍ ପରେ ଏହା ତାଙ୍କର ପ୍ରଥମ ରିଲିଜ ହେଉଥିବା ଚଳଚ୍ଚିତ୍ର। ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି କିଆରା। ଏ ସମ୍ପର୍କରେ ସେ କହନ୍ତି, ''ଏହି ଫିଲ୍ମରେ ମୋତେ ଯେଉଁ ରୋଲ୍ ମିଳିଛି ତାହା ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ। ହେଲେ ସବୁକିଛି ଦର୍ଶକଙ୍କ ଉପରେ ହିଁ ନିର୍ଭର କରେ। ସେମାନେ ଏହି ଫିଲ୍ମକୁ କିପରି ଗ୍ରହଣ କରୁଛନ୍ତି ତାହା ରିଲିଜ ପରେ ହିଁ ଜଣାପଡିବ। ଏବେ ମୋ ହାତରେ ୨-୩ଟି ଅଫର ରହିଛି ଏବଂ ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ହିଁ ଫାଇନାଲ ଡିସିସନ ନେବି।''



କିଆରା

# ସଞ୍ଜୟଙ୍କ ପ୍ରଶଂସାରେ ଆଲିୟା



ଆଲିୟା ଭଟ୍ଟଙ୍କ ମୁହଁରେ ଏବେ ସଞ୍ଜୟ ଲୀଲା ଭଁସାଲିଙ୍କ ପ୍ରଶଂସା। ଏହାର କାରଣ ହେଉଛି ସଞ୍ଜୟଙ୍କ ନିର୍ଦ୍ଦେଶନାରେ ନିର୍ମାଣାଧୀନ ହିନ୍ଦୀ ସିନେମା 'ଗାଙ୍ଗୁବାଈ କାଠିୟାଓ୍ୱାଡି' ସିନେମାରେ ଆଲିୟା ନାୟିକା ସାଜିଛନ୍ତି। ଏବେ ସେ ଯୁଆଡେ ଯାଉଛନ୍ତି ସଞ୍ଜୟଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। 'ସଞ୍ଜୟ ଲୀଲା ଭଁସାଲିଙ୍କ ପରି ନାମୀ ନିର୍ଦ୍ଦେଶକଙ୍କ କ୍ୟାମ୍ପରେ କାମ କରିବା ଭାଗ୍ୟରେ ଥିଲେ ମିଳେ। ତାଙ୍କ ନିର୍ଦ୍ଦେଶିତ ପୂର୍ବ ସିନେମାଗୁଡିକୁ ମୁଁ ଅନେକ ଥର ଦେଖିଛି ଏବଂ ସେଥିରୁ ଅଭିନୟ ସମ୍ପର୍କରେ ଯାହା ଶିଖିଛି ତାହା ବର୍ଣ୍ଣନା କରିପାରିବି ନାହିଁ। ଏହି ଫିଲ୍ମର ଟାଇଟଲ ଭୂମିକାରେ ମୁଁ ଅଭିନୟ କରୁଛି। ପ୍ରଥମେ ଏହାକୁ କିପରି ତୁଲାଇବି ସେ ନେଇ ଦ୍ୱନ୍ଦ୍ୱରେ ପଡିଥିଲି। ହେଲେ ସଞ୍ଜୟଙ୍କ ଟିପ୍ସ ମୋ ମନରେ ବସା ବାନ୍ଧିଥିବା ସମସ୍ତ ସନ୍ଦେହକୁ ନିମିଷକ ମଧ୍ୟରେ ଦୂର କରିଦେଇଥିଲା। କରୋନା ପାଇଁ ଏହାର ଶୁଟିଂ ବନ୍ଦ ରହିଥିଲା। ଏହା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଜଣାଇ ଦିଆଯାଇଛି। ପୁଣି ଗୋଟିଏ ରାଉଣ୍ଡ-ଅପ୍‌ରେ ଶୁଟିଂ ଶେଷ କରିବାକୁ ଯୋଜନା ରଖାଯାଇଛି। ଭବିଷ୍ୟତରେ ସଞ୍ଜୟଙ୍କ ନିର୍ଦ୍ଦେଶନାରେ କାମ କରିବାକୁ ମୋତେ ଅଫର ମିଳିଲେ ଆଦୌ ମନା କରିବି ନାହିଁ। ତେବେ ଏହି ଫିଲ୍ମଟି ଆଲିୟାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।

# ସବୁ କିଛି ଗୁଜବ

ଦିଶା ପଟାନିଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ସେ କୁଆଡେ ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। ହେଲେ ଏ ବିଷୟରେ ପଚାରିଲା ବେଳକୁ ସେ ଏହାକୁ ଏଡାଇ ଦେଇ କହୁଛନ୍ତି ଯେ, 'ତାହା ଗୁଜବ'। କଥା କ'ଣ କି ଏବେ ତ ହିନ୍ଦୀ ସିନେମା ଜଗତ ପୁଣି ଥରେ ଚଳଚଞ୍ଚଳ ହୋଇଉଠିଛି। ଆଉ ଯା ଭିତରେ ଦିଶା ଏକ ଅନଟାଇଟଲଡ ସିନେମା ସାଇନ୍ କରିଛନ୍ତି। ପୁଣି ଶୁଣିବାକୁ ମିଳୁଛି ଯେ ଏଥିରେ ସଂଯୋଜିତ ଏକ ଆଇଟମ ନମ୍ବରରେ ସେ ନାଚିବାକୁ ରାଜି ହୋଇଛନ୍ତି। କେବଳ ସେତିକି ନୁହେଁ, ଏଥିପାଇଁ ଦିଶା ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। ଏ କଥା ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିବା ପରେ ଦିଶା ବାଧ୍ୟ ହୋଇ ମୁହଁ ଖୋଲିଛନ୍ତି। ଏହି ବିଷୟରେ ସଫେଇ ଦେଇ ସେ କହନ୍ତି, ''ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ବୋଲି ଯାହା ଶୁଣାଯାଉଛି ତାହା ସମ୍ପୂର୍ଣ୍ଣ ମିଛ। ମୋତେ କେହି ବଦନାମ କରିବାକୁ ଏପରି ଅପପ୍ରଚାର ଚଳାଇଛି। ତାକୁ ନେଇ ଯେଉଁ ଆଲୋଚନା ହେଉଛି ତାହାର ମଧ୍ୟ କୌଣସି ମୂଲ୍ୟ ନାହିଁ। ନିକଟରେ ମୁଁ ଯେଉଁ ଫିଲ୍ମ ସାଇନ୍ କରିଛି ସେଥିରେ ଏକ ଆଇଟମ ନମ୍ବର ଅଛି ଏବଂ ମୋତେ ସେହି ଗୀତରେ ନାଚିବାକୁ ଅଫର ଦିଆଯାଇଛି। କିନ୍ତୁ ସେ ନେଇ ମୁଁ କୌଣସି ଶେଷ ନିଷ୍ପତ୍ତି ନେଇନାହିଁ। ଏଥିପାଇଁ ମୁଁ ପ୍ରଯୋଜକଙ୍କ ନିକଟରୁ ଦୁଇ ସପ୍ତାହ ସମୟ ନେଇଛି। ତା' ଭିତରେ ଯାହା କିଛି ଫାଇନାଲ ହେବ।'' ତେବେ ଏପରି କଥା ସତ କି ମିଛ ତାହା କେବଳ ଦିଶାଙ୍କୁ ହିଁ ଜଣା।



ଦିଶା

# ପରିଣିତିଙ୍କ ଡ୍ରିମ୍ ହୋମ୍

ପରିଣିତି ଚୋପ୍ରା ଯାହା ଆଶା ରଖିଥିଲେ ତାହା ନିକଟରେ ପୂରଣ ହୋଇଛି। ଏହି କୋଭିଡ୍ ସମୟରେ ସେ ଏକ ନୂଆ ଆପାର୍ଟମେଣ୍ଟ କିଣିବାକୁ ଇଚ୍ଛା କରିଥିଲେ। କେବଳ ସେତିକି ନୁହେଁ, ସେହି ଡ୍ରିମ ହୋମ୍ ପାଇଁ ସେ ଦିନ ରାତି ଏକାଠି କରିଦେଇଥିଲେ। ଶେଷରେ ତାହା ପୂରଣ ହୋଇଛି। ନିକଟରେ ସେ ବାନ୍ଦ୍ରା ନିକଟରେ ଏକ ମନୋରମ ପରିବେଶ ମଧ୍ୟରେ ଅବସ୍ଥିତ ଆପାର୍ଟମେଣ୍ଟ କିଣିଛନ୍ତି। ଖାସ୍ କଥା ହେଲା, ଏହାର ବାଲକୋନିରେ ବସି ଆରବ ସାଗରର ପ୍ରାକୃତିକ ଦୃଶ୍ୟକୁ ମନଭରି ଉପଭୋଗ କରିହେବ। ଏ ନେଇ ପରିଣିତି କହନ୍ତି, ''ବେଶ୍ କେତୋଟି ଆପାର୍ଟମେଣ୍ଟ ଦେଖିବା ପରେ ମୋର ଜଣେ ସାଙ୍ଗ ଏହି ନୂଆ ଆପାର୍ଟମେଣ୍ଟ ବିଷୟରେ ମୋତେ ସୂଚନା ଦେଇଥିଲେ। ବିଳମ୍ବ ନ କରି ମୁଁ ଯୋଗାଯୋଗ କରିଥିଲି ଏବଂ ଶେଷରେ ତାହାକୁ କିଣିବାରେ ସକ୍ଷମ ହୋଇଛି। ଏପରି ଏକ ଆପାର୍ଟମେଣ୍ଟରେ ରହିବାକୁ ମୁଁ ବହୁତବର୍ଷ ହେଲା ଆଶା ରଖିଥିଲି, ଯାହା ନିକଟରେ ପୂରଣ ହୋଇଛି।''



# ସେହି ଚାରି ବର୍ଷ...



ପ୍ରଭାସ

ଥରେ ମନେପକାନ୍ତୁ ନା ସୁପରଡୁପର ହିଟ୍ ଫିଲ୍ମ 'ବାହୁବଳୀ'କୁ। ଏହି ଫିଲ୍ମଟି ପ୍ରଭାସଙ୍କୁ କେତେ ମାଇଲେଜ ଦେଇଥିଲା ତାହା କହିବା ବାହୁଲ୍ୟ। ହେଲେ ଫିଲ୍ମ ଶୁଟିଂ ପୂର୍ବରୁ ଏବଂ ସେ ସମୟରେ ପ୍ରଭାସ ଯେଉଁ ପରିଶ୍ରମ କରିଥିଲେ ସେହି ସ୍ମୃତିଗୁଡିକୁ ଆଜି ବି ମନେପକାନ୍ତି। ଏହି ଫିଲ୍ମ ସାଇନ୍ କରିବା ସମୟରେ ତାଙ୍କ ନିକଟରେ ପ୍ରସ୍ତାବିତ ସର୍ତ୍ତଗୁଡିକ ମଧ୍ୟରୁ ଅନ୍ୟତମ ଥିଲା 'ସେ ଚାରିବର୍ଷ କୌଣସି ନୂଆ ସିନେମା ସାଇନ୍ କରିପାରିବେ ନାହିଁ।' ଏକଥାରେ ପ୍ରଭାସ ରାଜି ହୋଇଥିଲେ। ଏଥିପାଇଁ ତାଙ୍କୁ ବେଶ୍ କେତୋଟି ଭଲ ଭଲ ଅଫର ହାତଛଡା କରିବାକୁ ପଡିଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ସେ ନିଜ ଘର ଅଗଣାରେ ଏକ ଭଲିବଲ କୋର୍ଟ ତିଆରି କରିଥିଲେ। 'ବାହୁବଳୀ' ପାଇଁ ପ୍ରଭାସ ନିଜ ଓଜନକୁ ୩୦ କିଗ୍ରା ବଢ଼ାଇଥିଲେ। କେବଳ ସେତିକି ନୁହେଁ, ଏହି ଓଜନକୁ ତାଙ୍କୁ ଦୀର୍ଘ ୪ବର୍ଷ ସନ୍ତୁଳିତ ରଖିବାକୁ ପଡ଼ିଥିଲା। ଯେତେବେଳେ ତାଙ୍କୁ ଏହି ଅଫର ମିଳିଲା ସେତେବେଳେ ସେ ଏହାର କାହାଣୀ ଏବଂ ନିଜ ଭୂମିକା ବିଷୟରେ ଜାଣିବା ପରେ ନିଜ ପାରିଶ୍ରମିକ ବିଷୟରେ ଆଦୌ ଚିନ୍ତା ନ କରି ସାଇନ୍ କରିଥିଲେ। ଆଉ ଏକ ଖାସ୍ କଥା ହେଲା ଯେ, ରାଜକୁମାର ହିରାନୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ମୁନ୍ନା ଭାଇ ଏମବିବିଏସ୍' ଏବଂ 'ଥ୍ରୀ ଇଡିୟଟସ'କୁ ସେ ୨୦ଥର ଦେଖିଛନ୍ତି।

ପ୍ରଥମ ରୋଜଗାର



ଅଧ୍ୟାପକ, ସାହିତ୍ୟିକ ତଥା ସାହିତ୍ୟ ସଂଗଠକ ପ୍ରେମାନନ୍ଦ ମହାରଣା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଓଡ଼ିଆ ଅଭିଧାନ ଓ ରଙ୍ଗିନ ଚକ୍‌ଖଡ଼ି କିଣିଥିଲି

୧୯୬୭ ମସିହାରେ ଖୋର୍ଦ୍ଧା ଜିଲା କୁହୁଡ଼ିଠାରେ ମୋର ଜନ୍ମ। ଜନତା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ପୁରୀ ଏସ୍‌ସିଏସ୍ କଲେଜରେ ପଢ଼ିଥିଲି। ସେଠାରୁ ଅର୍ଥନୀତି ସମ୍ମାନରେ ବି.ଏ. ପାସ୍ କରି ବ୍ରହ୍ମପୁର ୟୁନିଭରସିଟିରେ ଏମ୍.ଏ.କଲି। ତା'ପରେ ଉତ୍କଳ ୟୁନିଭରସିଟିରେ ଏଲ୍.ଏଲ୍.ବି. ପଢ଼ିଲି। ଏଲ୍.ଏଲ୍.ବି. ପଢ଼ା ସରୁସରୁ ମୋର ଚାକିରି ହୋଇଗଲା। ଜଟଣୀ ଅରଗୁଳସ୍ଥିତ ଶରତ ପାଇକରାୟ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ଅଧ୍ୟାପକ ଭାବେ ୧୯୯୨ରେ ମୁଁ ପ୍ରଥମେ ଜଏନ୍ କରିଥିଲି। ୫୦୦ ଟଙ୍କା ଥିଲା ମୋର ପ୍ରଥମ ରୋଜଗାର। ଯେହେତୁ ସାହିତ୍ୟ ପ୍ରତି ମୋର ରୁଚି ଥିଲା, ତେଣୁ ପ୍ରଥମ ମାସ ଦରମାରୁ ୪୨୭ ଟଙ୍କା ଦେଇ ମୁଁ ପ୍ରଥମେ ଏକ ଓଡ଼ିଆ ଅଭିଧାନ କିଣିଥିଲି। ତା'ସହିତ ଯେହେତୁ ମଫସଲ ଅଞ୍ଚଳରେ ଏହି କଲେଜଟି ଥିଲା, ତେଣୁ ସେଠାରେ ଅର୍ଥନୀତି ବିଷୟ ନେଇ ପଢ଼ିବାକୁ ବେଶି ପିଲା ଆଗ୍ରହ କରୁ ନ ଥିଲେ। କାରଣ ସେମାନଙ୍କର ଧାରଣା ଥିଲା ଏହି ବିଷୟ ପଢ଼ିବାକୁ ଭାରି କଷ୍ଟ। ଖାସ୍ ସେମାନଙ୍କର ଏହି ଧାରଣା ଦୂର କରିବା ଓ ସେମାନଙ୍କୁ ଏହି ବିଷୟ ପ୍ରତି ଆକୃଷ୍ଟ କରିବା ପାଇଁ ବଳକା ଟଙ୍କାରେ ଭୁବନେଶ୍ୱରରୁ ୩ ପ୍ୟାକେଟ୍ ରଙ୍ଗିନ ଚକ୍‌ଖଡ଼ି କିଣିଥିଲି। କାରଣ ମୋର ଧାରଣା ଥିଲା ଯେ, ରଙ୍ଗିନ ଚକ୍‌ଖଡ଼ିରେ ଗ୍ରାଫ୍ କାଟି ସେମାନଙ୍କୁ ବୁଝାଇଲେ ସେମାନେ ଆକର୍ଷିତ ହେବା ସହିତ ପାଠକୁ ଭଲରେ ବୁଝିପାରିବେ। ଏହିପରି ଭାବେ ମୋର ପ୍ରଥମ ରୋଜଗାରକୁ ମୁଁ ଖର୍ଚ୍ଚ କରିଥିଲି। ୟା' ଭିତରେ ଦୀର୍ଘ ୨୮ ବର୍ଷ ବିତିଯାଇଥିଲେ ବି ମୁଁ ସେହି କଲେଜରେ ରହି ଆଜି ବି ଶିକ୍ଷାଦାନ କରୁଅଛି। ଅବଶ୍ୟ ୧୯୯୫ରୁ ୨୦୧୫ ପର୍ଯ୍ୟନ୍ତ ମୁଁ ଏହି କଲେଜରେ ପ୍ରିନ୍ସିପାଲ୍ ଦାୟିତ୍ୱ ତୁଲାଇ ଆସୁଥିଲି। କିନ୍ତୁ ଦୁର୍ଭାଗ୍ୟ ୨୦୧୫ ମସିହାରେ ମୋ ବାପାଙ୍କର ହଠାତ୍ ଦେହ ଖରାପ ହେଲା ଆଉ ସେ ଆରପାରିକୁ ଚାଲିଗଲେ। ତାଙ୍କ ଦେହାନ୍ତ ପରେ ଘରର ସମ୍ପୂର୍ଣ୍ଣ ଭାର ମୋ ଉପରେ ଆସିଯିବାରୁ ମୁଁ ବାଧ୍ୟହୋଇ ପ୍ରିନ୍ସିପାଲ୍ ଦାୟିତ୍ୱ ଛାଡ଼ିଦେଲି। ଆଉ ଏବେ ମୁଁ ସେହି କଲେଜରେ ବରିଷ୍ଠ ଅଧ୍ୟାପକ ଭାବେ ଅଧ୍ୟାପନା କରୁଅଛି। ଚାକିରି ଜୀବନ ବାଦ୍ ସାହିତ୍ୟ ପ୍ରତି ମୋର ରୁଚି ରହିଛି। ସ୍କୁଲ୍ ପଢ଼ା ସମୟରୁ ସାହିତ୍ୟ ପ୍ରତି ରୁଚି ରଖୁଥିବା ଆମ ସଂସ୍କୃତ ଓ ବିଜ୍ଞାନ ସାର୍ ଆମମାନଙ୍କୁ ଛୋଟ ଛୋଟ ଗପ, କବିତା ଓ ପ୍ରବନ୍ଧ ଆଦି ଲେଖିବା ପାଇଁ ପ୍ରେରଣା ଦେଉଥିଲେ। ବାସ୍ ସେବେଠାରୁ ଲେଖାଲେଖିର ଏହି ଧାରା ମୋର ଜାରି ରହିଛି। ୟା'ଭିତରେ ମୁଁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ କବିତା ଲେଖି ସାରିଲିଣି। ତନ୍ମଧ୍ୟରୁ ୧୫୦ରୁ ଉର୍ଦ୍ଧ୍ୱ କବିତା ବିଭିନ୍ନ ପତ୍ରପତ୍ରିକାରେ ମୋର ପ୍ରକାଶିତ ହୋଇସାରିଲାଣି। ଏଥିସହିତ କେତୋଟି ଅଣୁଗଳ୍ପ ମଧ୍ୟ ଖବରକାଗଜରେ ପ୍ରକାଶିତ ହୋଇଛି। ଇଚ୍ଛା ଥିଲା ବାପାଙ୍କୁ ଉତ୍ସର୍ଗୀକୃତ କରି ଗୋଟିଏ କବିତା ସଂକଳନ କରିବି, ଆଉ ତାଙ୍କରି ହାତରେ ଉନ୍ମୋଚନ କରିବି ବୋଲି। ହେଲେ ସେ ଇଚ୍ଛା ମୋର ପୂରଣ ହୋଇପାରିଲାନି। ଏବେ ପୁଣିଥରେ ମନ ବଳାଇଛି ସେ ଅଧୁରା ସ୍ୱପ୍ନକୁ ସାକାର କରିବାକୁ। ଯଦି ଭଗବାନଙ୍କ ଆର୍ଶୀବାଦ ରହିଲା ତା'ହେଲେ ଗୋଟିଏ ଏକପଦୀ ଓ ଗୋଟିଏ ଦୀର୍ଘପଦୀ କବିତା ପୁସ୍ତକ ମୋର ଖୁବ୍ ଶୀଘ୍ର ପ୍ରକାଶିତ ହୋଇଯିବ। ଏଥିସହିତ ଜଟଣୀ ସାହିତ୍ୟ ସଂସଦର ପାଖାପାଖି ୧୩ବର୍ଷ ସମ୍ପାଦକ ଦାୟିତ୍ୱରେ ଥିଲି ଆଉ ଏବେ ଏହାର ଆଜୀବନ ସଦସ୍ୟ ଅଛି। ସେହିପରି ଏହି ଅନୁଷ୍ଠାନ ତରଫରୁ ପ୍ରକାଶିତ 'ଚିହ୍ନ' ପତ୍ରିକାର ମଧ୍ୟ ମୁଁ ୪ ବର୍ଷ ସମ୍ପାଦକ ଦାୟିତ୍ୱରେ ଥିଲି। ତା'ଛଡା ଏହି ଲେଖାଲେଖିକୁ ନେଇ ମୋତେ ଅନେକ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିଛି। ତେଣୁ ଅଧ୍ୟାପନା ବାଦ୍ ଲେଖାଲେଖି ବି ମୋ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି।

–ଅମ୍ରିତା

ସାଥୀ

# ସପନ ଅଧାକୁ ଅଧୁରା ଆଶା, ତଥାପି ଖସୁନି ପ୍ରେମର ନିଶା

**ପ୍ରଶ୍ନ–**ଝିଅମାନେ ପ୍ରେମ ଜାଲରେ ସହଜରେ ଧରା ଦେଇ ନ ଥାନ୍ତି। କାହିଁକି ?

*–ବିନୟ ଦାସ, ବାରିପଦା*

**ଉତ୍ତର:** ଆଶା ତ ଅସୁମାରୀ। ଜଣେ ଝିଅକୁ ପ୍ରେମ ଜାଲରେ ଫସାଇବା ହୁଏତ ବେଳେବେଳେ ସହଜ ହୋଇଯାଇଥାଏ, ହେଲେ ସବୁବେଳେ ଏପରି ପଲିସି ସକ୍‌ସେସ ହୋଇ ନ ଥାଏ। କାରଣ ପାଣିପାଗ ଦେଖି ସେମାନଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ଆସିଥାଏ। ଖାଲି କହିଦେଲେ ଯେ ଜଣେ ଝିଅ ଆପଣଙ୍କୁ ପ୍ରେମ କରି ବସିବ–ଏପରି ଧାରଣା ପ୍ରଥମେ ନିଜ ମନରୁ ଦୂରେଇ ଦିଅନ୍ତୁ। ସେହି ଝିଅର ମନକୁ ପ୍ରଥମେ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ଯଦି ତା' ମତିଗତିରୁ ପ୍ରେମର ବାସ୍ନା ପାଇଲେ ତେବେ ଆଗାନ୍ତୁ। ନ ହେଲେ ଯେତେ ପ୍ରୟାସ କଲେ ମଧ୍ୟ କେବଳ ବିଫଳତାର ସାମ୍ନା କରିବା ହିଁ ସାର ହେବ।

**ପ୍ରଶ୍ନ–**ଥରେ ସୁନ୍ଦରୀ ଝିଅଟିଏ ମୋତେ ଦେଖି ହସିଦେଲା। ଯେତେବେଳେ ଦେଖା ହୁଏ ମୋ ସହ ହସି ହସି କଥା ହୁଏ। ଏବେ ମୁଁ ତା' ପ୍ରେମରେ ପଡିଯାଇଛି। ହେଲେ ସେ ମୋତେ ବାସ୍ତବରେ ଭଲ ପାଏ କି ନାହିଁ କେମିତି ଜାଣିବି ?

*–ସୁମନ୍ତ ସାହୁ, ରାଉରକେଲା*

**ଉତ୍ତର:** ସୁନ୍ଦରୀ ହସ ନିକଟରେ ଆପଣଙ୍କ ମନ ବନ୍ଧା ପଡିଯାଇଛି। ଦେଖୁନାହାନ୍ତି ତା' ହସରେ ପାଗଳ ହୋଇ ଆପଣ କେମିତି ତାକୁ ପ୍ରେମ କରିବସିଛନ୍ତି। ହେଲେ ସେ ଆପଣଙ୍କୁ ଭଲ ପାଏ କି ନାହିଁ ତାହା ଜାଣିନାହାନ୍ତି। ହେଲେ ଏକଥା ନ ଜାଣି ତାକୁ ପ୍ରେମିକା ଭାବରେ ଗ୍ରହଣ କରି ଆଗେଇବା କେତେ ଠିକ୍ ତାହା ଟିକେ ଥଣ୍ଡା ମିଜାସରେ ଚିନ୍ତା କରନ୍ତୁ। ଯଦି ଏ ନେଇ କ୍ଲିୟର ହେବାକୁ ଚାହୁଁଛନ୍ତି, ତେବେ ସାହସ କରି ବେଳ କାଳ ଦେଖି ତାକୁ ମନର କଥା କହିଦିଅନ୍ତୁ ନା ! ଡେରି କଲେ ହୁଏତ ଚାନ୍ସ ହାତରୁ ଖସି ଯାଇପାରେ। ହେଲେ ଏମିତି ଏକତରଫା ଭାବରେ ଆଗେଇଲେ ଯଦି ପ୍ରେମରେ ଫେଲ୍ୟୁୟର ହୋଇଯାଆନ୍ତି ତେବେ ତାକୁ ହଜମ କରିବା ଭାରି କଷ୍ଟକର ହୋଇପଡିବ।

**ପ୍ରଶ୍ନ–**କିଏ ସେ ସୁନ୍ଦରୀ ଯିଏ ମୋ ସ୍ୱପ୍ନରେ ଆସୁଛି। ତା' ବିଷୟରେ ଭାବି ଭାବି ରାତି ପାହିଯାଉଛି ହେଲେ, ଏଯାଏ ତାକୁ ମୁଁ ପାଇପାରିଲି ନାହିଁ। ଏବେ କ'ଣ କରିବି ?

*–ସୁକାନ୍ତ ବାରିକ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ସୁନ୍ଦରୀ ସ୍ୱପ୍ନରେ ଆସୁଛି, ଆଉ ସେପରି ସୁନେଲି ସ୍ୱପ୍ନକୁ ନେଇ ଆପଣ ବିଭୋର। ଏପଟେ ଆପଣ ସେହି ରୂପସୀକୁ ଖୋଜି ବୁଲୁଛନ୍ତି। ଏଣେ ତା' କଥା ଭାବି ଭାବି ରାତି ପାହି ଯାଉଛି। ଯଦି ମିଳିଯାଏ ତେବେ ତାକୁ ମନର ସାଥୀ କରି ରଖିବେ–ଏଇଆ ତ ? 'ସପନ ଅଧାକୁ ଅଧୁରା ଆଶା, ତଥାପି ଖସୁନି ପ୍ରେମର ନିଶା।' ପ୍ରେମ ଏପରି ଏକ ନିଶା ଯାହା ଥରେ ଘାରିଲେ ତାହା ସହଜରେ ଖସି ନ ଥାଏ। ତଥାପି, ମନଲାଖି ପ୍ରେମିକାଟିଏ ଖୋଜିବାକୁ ବାହାରିଛନ୍ତି। ଯଦି ସେପଟୁ କିଛି ଗ୍ରୀନ୍ ସିଗନାଲ ମିଳିଲା ତେବେ ବିଳମ୍ବ ନ କରି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଆପଣଙ୍କ ପ୍ରେମ ଏମିତି ଭାବନାରେ ରହିଯିବ।

**ପ୍ରଶ୍ନ–**ଆଜିକାଲି ଅନେକେ ପ୍ରେମକୁ ଟଙ୍କାର ନିକିତିରେ ମାପୁଛନ୍ତି। କାହିଁକି ?

*–ଦିବାକର ରଣା, ବ୍ରହ୍ମପୁର*

**ଉତ୍ତର:**ପ୍ରେମକୁ ଆଜିକାଲି ଅନେକେ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ଟଙ୍କା ନିକିତିରେ ପ୍ରେମକୁ ତଉଲୁଥିଲେ ଏହାଠାରୁ ବୋକାମି କିଛି ନାହିଁ। ପ୍ରେମ ସବୁବେଳେ ଶାଶ୍ୱତ, ନିର୍ମଳ। ପ୍ରେମକୁ ଆଧାର କରି ଟଙ୍କା ନିଶାରେ ବାୟା ହେଲେ କେତେବେଳେ ବାଟବଣା ହୋଇଯିବେ ତାହା ନିଜେ ଜାଣିପାରିବେ ନାହିଁ। ତେଣିକି ଯିଏ ଯେମିତି କର୍ମ କରିବ ସେହି ଅନୁସାରେ ତା' ପ୍ରେମର ଫଳ ପାଇବ।



# ଅଜବ ଫେସ୍ ମାସ୍କ



**କରୋନା ମହାମାରୀ ତଥା ବିଭିନ୍ନ ପ୍ରକାର  ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏବେ ମୁହଁରେ ମାସ୍କ ପିନ୍ଧିବା ଜରୁରୀ ହୋଇପଡ଼ିଛି। ତେବେ ଏହି ମାସ୍କର ବ୍ୟବହାରକୁ ଆଉ ଟିକେ ଟ୍ରେଣ୍ଡି କରିବା ପାଇଁ ଆଜିକାଲି ମାର୍କେଟରେ କେତେ ନୂଆ ନୂଆ ଡିଜାଇନ୍‌ର ମାସ୍କ ବିକ୍ରି ହେଲାଣି। ହେଲେ ଏହି ମାସ୍କଗୁଡ଼ିକୁ କିଣିବା ପୂର୍ବରୁ ତାହା କେତେ ସୁରକ୍ଷିତ ପ୍ରଥମେ ଜାଣିବା ନିହାତି ଆବଶ୍ୟକ। ସେମିତି କେତୋଟି ଅଜବ ଫେସ୍ ମାସ୍କ ସମ୍ପର୍କରେ....**





**ଟ୍ରାନ୍ସପାରେଣ୍ଟ ଫେସ୍ ମାସ୍କ:** ଫ୍ୟାଶନ ପ୍ରିୟ ଯୁବପିଢ଼ିମାନଙ୍କର ବେଳେବେଳେ ମନରେ ଦୁଃଖ ଆସୁଥିବ ଯେ, ମୁହଁରେ ମାସ୍କ ପିନ୍ଧିବା ଦ୍ୱାରା ଭାଇରସ୍ ଆକ୍ରମଣରୁ ସିନା ବର୍ତ୍ତି ହୋଇଯିବ, ହେଲେ ତାଙ୍କର ସୁନ୍ଦର ମୁହଁକୁ କେହି ଦେଖିପାରୁ ନଥିବେ। ଖାସ୍ ସେମାନଙ୍କର ଏହି ସମସ୍ୟାକୁ ଦୂର କରିବା ପାଇଁ ଏବେ ମାର୍କେଟରେ ଟ୍ରାନ୍ସପାରେଣ୍ଟ ଫେସ୍ ମାସ୍କ ମିଳିଲାଣି, ଯାହାକୁ ପିନ୍ଧିଲେ ପ୍ରଦୂଷଣରୁ ମୁକ୍ତି ମିଳିବା ସହ ଆପଣଙ୍କର ସୁନ୍ଦର ଚେହେରାକୁ ମଧ୍ୟ  ଅନ୍ୟମାନେ ଦେଖିପାରିବେ।

**ସ୍ମାଇଲ୍ ଫେସ୍ ମାସ୍କ:** ହସିବା ଓ ଅନ୍ୟମାନଙ୍କୁ ହସାଇବା ବି ହେଉଛି ଏକ କଳା। ଏବେ ଏହି କାମ ମୁହଁରେ ଲଗାଯାଉଥିବା ମାସ୍କ ବି କରିପାରିବ। କାରଣ ଏବେ ମାର୍କେଟକୁ ଆସିଗଲାଣି ସ୍ମାଇଲ୍ ଫେସ୍ ମାସ୍କ। ଏହି ମାସ୍କ ଉପରେ ରହିଛି ଆକର୍ଷଣୀୟ ହସର ଏକ ପ୍ରତିଛବି,  ଯାହାକୁ ପିନ୍ଧିଲେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ ହେବା ସହ ହସର ପ୍ରତିଛବି ଦେଖି ସେମାନଙ୍କ ମୁହଁରେ ବି ହସର ଫୁଆରା ସୃଷ୍ଟି ହେବ।

**ଫନି କ୍ୟାଟ୍ ମାସ୍କ:** ଏହି ମାସ୍କ ଉପରେ ଗୋଟିଏ ସୁନ୍ଦର ବିଲେଇର ପ୍ରତିଛବି ଏମିତି ରହିଛି ଯେ, ଲାଗିବ ସତେ ଯେମିତି ଏକ ସତସତିକା ବିଲେଇ ମାସ୍କ ଭିତରୁ ଆମକୁ ଚାହିଁଛି। ଏହା ଦେଖିବାକୁ ଯେପରି ଆକର୍ଷଣୀୟ ଲାଗିଥାଏ, ଏହାର ଗଠନଶୈଳୀ ବି ସେପରି ଆଶ୍ଚର୍ଯ୍ୟକର ହୋଇଥାଏ।


**ଆଙ୍ଗ୍ରି ମୋନଷ୍ଟର୍ ମାସ୍କ:** ରାକ୍ଷସମାନଙ୍କର ଯେମିତି ବଡ଼ ବଡ଼ ଦାନ୍ତ ଥାଏ, ଅବିକଳ ସେହି ଡିଜାଇନ୍‌ରେ ଏହି ମାସ୍କଟିକୁ ତିଆରି କରାଯାଇଛି। ଏହାକୁ ମୁହଁରେ ପିନ୍ଧିଲେ ବି ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ ନିଶ୍ଚୟ ହେବ।

**ଆଶ୍ଚର୍ଯ୍ୟ କରିଦେଲା ଭଳି ମାସ୍କ:** ଏହି ମାସ୍କରେ ଗୋଟିଏ ଛୋଟ ଛୁଆ ଭୟରେ ଆଶ୍ଚର୍ଯ୍ୟ ହୋଇଯିବା ଭଳି ଏକ ପ୍ରତିଛବି ରହିଛି। ତେଣୁ ଏହାକୁ ପିନ୍ଧିଲେ ଦୂରରୁ ଯିଏ ଦେଖିବ ସିଏ ଦ୍ୱନ୍ଦ୍ୱରେ ପଡ଼ିଯିବ ଯେ, ଏହା ମାସ୍କ ନା ସତରେ କିଏ ଜଣେ ଏମିତି ଆଶ୍ଚର୍ଯ୍ୟ ହୋଇ ଚାହିଁଛି।

**ଫେସ୍ ମାସ୍କ ଡ୍ରେସ୍:** ଏହି ଡ୍ରେସ୍ ଦେଖିବାକୁ ଯେମିତି ଫ୍ୟାଶନେବଲ୍ ସେମିତି ଉପକାରୀ ମଧ୍ୟ।  କାରଣ ଏହି ଡ୍ରେସ୍‌ର ଡିଜାଇନ୍ ଏମିତି କରାଯାଇଛି ଯେ, ଯାହାକୁ ପିନ୍ଧିଲେ ପାଟି ଓ ନାକ ଘୋଡ଼େଇ ହୋଇ ରହିବା ସହ ଦେହର ଲଜ୍ଜା ନିବାରଣ ମଧ୍ୟ କରିହେବ। କହିବାକୁ ଗଲେ ଏହା ଉଭୟ ଡ୍ରେସ୍ ଓ ମାସ୍କ ଦୁଇଟି ଯାକ ଜିନିଷର କାମ ଆରାମରେ କରିଥାଏ।










## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ମେକଅପ୍: ପ୍ରଶାନ୍ତ

# ହାଃ ହାଃ

## ମୂଷା

ରମେଶ ଘର ଦେଖିବାକୁ ଯାଇଥାଏ । ଘରବାଲା ଘର ଦେଖେଇ କହିଲେ– ଏ ଘରର ଭଡା ୧୦୦୦ଟଙ୍କା ।
ରମେଶ– ହେଲେ ଏ ଘରେ ତ ଖାଲି ମୂଷା ନାଚୁଛନ୍ତି ।
ଘରବାଲା– ଏତିକି ଟଙ୍କାରେ ଆଉ କ'ଣ ମଲ୍ଲିକା ଶେରାୱତ ଆସି ନାଚିବ ।

## ସାଇକେଲ

ସ୍ତ୍ରୀ ସ୍ୱାମୀଙ୍କୁ– ଜାଣିଛ, ଆଜି ଖବରକାଗଜରେ ପଢିଲି ଜଣେ ବ୍ୟକ୍ତି ସାମାନ୍ୟ ସାଇକେଲ କିଣିବା ପାଇଁ ନିଜ ସ୍ତ୍ରୀକୁ ବିକିଦେଲେ ।
ସ୍ୱାମୀ– ଓଃ
ସ୍ତ୍ରୀ– ତମେ ଏମିତି କରିବନି ତ ?
ସ୍ୱାମୀ– ମୁଁ କ'ଣ ଏତେ ବୋକା ? ତମ ବଦଳରେ ମୁଁ ତ କାର୍ କିଣିବି ।

## ନେଇ ଯାଉଛି

ସ୍ତ୍ରୀ ସ୍ୱାମୀଙ୍କୁ– ପୁଅ ଆମର ପୂରା ବିଗିଡି ଗଲାଣି । ଘରେ ଯେଉଁଠି ଟଙ୍କା ରଖିଲେ ବି ଚୋରି କରି ନେଇ ଯାଉଛି ।
ସ୍ୱାମୀ– ଗୋଟେ କାମ କର, ସେ ପାଠ ଚୋରର ବହି ଭିତରେ ଟଙ୍କା ରଖ । ଦେଖିବ ପରୀକ୍ଷା ଯାଏଁ ସେ ଖୋଜିକି ପାଇବନି ।

# ସଂକ୍ରମଣର ଭୟ କମ୍ ଥିବା ପର୍ଯ୍ୟଟନସ୍ଥଳୀ



କରୋନା ପାଇଁ ବେଶ୍ କିଛି ଦିନର ଲକ୍ ଡାଉନ୍, ସଟ୍ ଡାଉନ୍ ପରେ ଏବେ ପରିସ୍ଥିତିରେ ଟିକେ ସୁଧାର ଆସିଥିବାରୁ ପୁଣିଥରେ ଭ୍ରମଣପ୍ରିୟ ଲୋକେ ବୁଲିବାକୁ ମନ ବଳାଇଲେଣି। ତେବେ ସତର୍କତା ଅବଲମ୍ବନ କରି ବୁଲିଲେ ସଂକ୍ରମଣର ଭୟ ଟିକେ କମ୍ ରହିଥାଏ...



ନୋଭେଲ କରୋନା ଭାଇରସ ଭଳି ମହାମାରୀରୁ ମୁକ୍ତି ପାଇବା ପାଇଁ ଭାରତ ସମେତ ଅନ୍ୟ ଦେଶଗୁଡ଼ିକ ଆଜି ବି ନିଜର ସଂଘର୍ଷ ଜାରି ରଖିଛନ୍ତି। ଆଉ ଏହି ସଂଘର୍ଷକୁ ସଫଳ କରିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ, ପରିଚ୍ଛନ୍ନ ବିଭାଗ, ପୋଲିସ ବିଭାଗ ତଥା ଅନ୍ୟ ଜରୁରିକାଳୀନ ବିଭାଗର କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗେଇ ନିଷ୍ଠାର ସହ ସେମାନଙ୍କର ଦାୟିତ୍ୱ ପ୍ରତିପାଦନ କରିଚାଲିଛନ୍ତି। ଏପରି କି ସର୍ବସାଧାରଣ ଲୋକ ବି ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଲକ୍‌ଡାଉନ ନିୟମକୁ ମଧ୍ୟ ସମ୍ମାନର ସହ ମାନିଛନ୍ତି, ଯାହାର ଫଳ ସ୍ୱରୂପ ଏବେ ପରିସ୍ଥିତିରେ କିଛିଟା ସୁଧାର ଆସୁଥିବା ଦେଖିବାକୁ ମିଳୁଛି। ଦେଶରେ ଜାରି କରାଯାଇଥିବା ଲକ୍‌ଡାଉନ୍ ନିୟମରେ ମଧ୍ୟ ଅନେକ କିଛି ଢିଲା ଦିଆଗଲାଣି। ଏପରି କି ଗୋଟିଏ ସହରରୁ ଅନ୍ୟ ସହରକୁ ବୁଲିଗଲାବେଳେ ୧୪ ଦିନ କ୍ୱାରେଣ୍ଟାଇନ ରହିବାର କଡାକଡି ନିୟମକୁ ମଧ୍ୟ କେତେକ ସ୍ଥାନରେ କୋହଳ କରିଦିଆ ଯାଇଛି। ଫଳରେ ଭ୍ରମଣପ୍ରିୟ ପର୍ଯ୍ୟଟକଙ୍କ ପାଇଁ ପୁଣି ଥରେ ବୁଲିବାର ସୁଯୋଗ ଆସିଯାଇଛି। କିନ୍ତୁ ଏହି ଭ୍ରମଣ ସମୟରେ ସଂକ୍ରମଣରୁ ରକ୍ଷା ପାଇବା ପାଇଁ କିଛିଟା ସାବଧାନତା ଅବଲମ୍ବନ କରିବା ଏବେ ସମସ୍ତଙ୍କ ପାଇଁ ଜରୁରୀ ହୋଇପଡିଛି। ତେବେ ଆସନ୍ତୁ ଜାଣିବା ବର୍ତ୍ତମାନ ପରିସ୍ଥିତିରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ସଂକ୍ରମଣର ଭୟ ଟିକେ କମ୍ ରହିଛି।

**ଗୋଆ:** ଆକର୍ଷଣୀୟ ବିଚ୍ ପାଇଁ ଲୋକପ୍ରିୟତା ହାସଲ କରିଥିବା ଗୋଆ ଏବେ ପର୍ଯ୍ୟଟକଙ୍କୁ ପୁଣିଥରେ ସ୍ୱାଗତ କରିବା ଆରମ୍ଭ କଲାଣି। ତେବେ ଶୁଣିବାକୁ ମିଳୁଛି ଏଠାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଏବେ ଆଉ କୋଭିଡ ଟେଷ୍ଟ କିମ୍ବା କ୍ୱାରେଣ୍ଟାଇନ ସେଣ୍ଟରରେ ରହିବା ପାଇଁ ବାଧ କରାଯାଉ ନାହିଁ। କାରଣ ଏଠାରେ ମହାମାରୀର ପରିସ୍ଥିତି ପ୍ରାୟ ନିୟନ୍ତ୍ରଣରେ ରହିଥିବା ସୂଚନା ମିଳୁଛି । ତଥାପି ଏଠାରେ ସାବଧାନତା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି।

**ହିମାଚଳ ପ୍ରଦେଶ:** ଯେଉଁମାନଙ୍କୁ ଟ୍ରେକିଂ, ସ୍କିଂ ଅବା ମାଉଣ୍ଟେନିଂରେ ମଜା ନେବାକୁ ଭଲ ଲାଗେ ସେମାନଙ୍କ ପାଇଁ ଏହି ସ୍ଥାନ ପୂରା ପରଫେକ୍ଟ କହିଲେ ଚଳେ। ଦେଶରେ କିଛି ଦିନର ବ୍ୟବଧାନ ପରେ ଏବେ ହିମାଚଳ ପ୍ରଦେଶ ପୁନର୍ବାର ତା'ର ପର୍ଯ୍ୟଟକଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ହୋଇଗଲାଣି। ଏପରି କି ସ୍ଥାନୀୟ ସରକାର ମଧ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ବାଧ୍ୟତାମୂଳକ କ୍ୱାରେଣ୍ଟାଇନ ରହିବାର ନିୟମକୁ କୋହଳ କରିଥିବା ଶୁଣିବାକୁ ମିଳୁଛି।

**ଉତ୍ତରାଖଣ୍ଡ:** ଏଠାରେ ମଧ୍ୟ ଆଗନ୍ତୁକ ଟ୍ରେକିଂ କିମ୍ବା ପାହାଡ ଉପରେ ବୁଲାବୁଲି କରିବାର ଭରପୂର ମଜା ନେଇପାରିବେ। କାରଣ ସରକାର ଏବେ ପର୍ଯ୍ୟଟକଙ୍କ ଆଗମନକୁ ନେଇ କରୋନା ପାଇଁ ଲାଗୁ ହୋଇଥିବା ଅନେକ କଡାକଡି ନିୟମକୁ ଏଠାରୁ ଉଠାଇ ନେଇଛନ୍ତି। ହେଲେ ଯେଉଁ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସୁଛନ୍ତି ସେମାନଙ୍କୁ ପ୍ରଥମେ ସରକାରୀ ପୋର୍ଟାଲରେ ସେମାନଙ୍କ ନାମକୁ ରେଜିଷ୍ଟ୍ରେଶନ କରିବାର ନିୟମ ଏଠାରେ ପାଳନ କରାଯାଉଛି।

**ପଣ୍ଡିଚେରୀ:** ସୂଚନା ଅନୁଯାୟୀ ଏଠାରେ ବି ଏବେ ପର୍ଯ୍ୟଟକଙ୍କୁ କରୋନା ଟେଷ୍ଟ କିମ୍ବା କ୍ୱାରେଣ୍ଟାଇନରେ ରହିବା ପାଇଁ ବାଧ କରାଯାଉ ନାହିଁ। ଯଦି କୌଣସି ପର୍ଯ୍ୟଟକଙ୍କଠାରେ ସଂକ୍ରମଣର କିଛିଟା ଲକ୍ଷଣ ଦେଖାଯାଉଛି , ତା'ହେଲେ ତାଙ୍କୁ ତୁରନ୍ତ ସରକାରଙ୍କ ଦ୍ୱାରା ପରିଚାଳିତ ଡାକ୍ତରଖାନା କିମ୍ବା କୋଭିଡ ସେଣ୍ଟରରେ ପରୀକ୍ଷା କରିବା ପାଇଁ ପଠାଇ ଦିଆଯାଉଛି। ଏସବୁ ସତ୍ତ୍ୱେ ଏଠାରେ ସ୍ୱଚ୍ଛତା ଓ ସାବଧାନତା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି।

**ଗୁଜରାଟ:** ଏଠାରେ ପର୍ଯ୍ୟଟକଙ୍କୁ କେବଳ ଥର୍ମାଲ ସ୍କ୍ରିନିଂ ଟେଷ୍ଟ ଦେଇ ଗତି କରିବାକୁ ହୋଇଥାଏ। ଯଦି କାହାଠାରେ ସଂକ୍ରମଣର ଲକ୍ଷଣ ନ ଥାଏ ତା'ହେଲେ ତାଙ୍କୁ କ୍ୱାରେଣ୍ଟାଇନରେ ମଧ୍ୟ ରହିବାକୁ ପଡେନାହିଁ।

କେବଳ ଏସବୁ ସ୍ଥାନ ନୁହେଁ ଅରୁଣାଚଳ ପ୍ରଦେଶ, କର୍ଣ୍ଣାଟକ, ଲଦାଖ୍ ଭଳି ସ୍ଥାନରେ ମଧ୍ୟ ପର୍ଯ୍ୟଟକଙ୍କ ପାଇଁ କୋଭିଡ୍ ନିୟମ କୋହଳ ହେବା ସହିତ ସେଠାରେ ସଂକ୍ରମଣର ସମ୍ଭାବନା ବି ଯଥେଷ୍ଟ କମ୍ ରହିଛି।

### ଜରୁରୀ ସୂଚନା

– ନିୟମ କୋହଳ ହେବାରୁ ବୁଲାବୁଲି କରିବାକୁ ଇଚ୍ଛା ହେଉଥିଲେ ବି ଅତି ଜରୁରୀ ନ ହେଲେ କୁଆଡେ ଯାଆନ୍ତୁ ନାହିଁ। କାରଣ ପରିସ୍ଥିତିରେ ସାମାନ୍ୟ ମାତ୍ର ସୁଧାର ଆସିଛି, ହେଲେ ବିପଦ ସମ୍ପୂର୍ଣ୍ଣ ଟଳି ନାହିଁ।

– ତଥାପି ବି ଯଦି ଆପଣ ବୁଲିବାକୁ ବାହାରୁଛନ୍ତି, ତାହେଲେ ମାସ୍କର ବ୍ୟବହାର, ସାମାଜିକ ଦୂରତା ରକ୍ଷା କରିବା ପରି ଅତି ଜରୁରୀ କଥାଗୁଡିକୁ ମାନିବା ଅନିବାର୍ଯ୍ୟ।














# ଜଙ୍ଘରେ ଫଟାନ୍ତି ତରଭୁଜ




ୟୁକ୍ରେନ୍‌ର ଓଲ୍‌ଗା ଲିଆଶ୍ଚୁକ୍ କରିଛନ୍ତି ଏକ ଭିନ୍ନ ଧରଣର ରେକର୍ଡ। ଏହି ରେକର୍ଡ ପାଇଁ କେହି କେହି ତାଙ୍କୁ ଷ୍ଟ୍ରଙ୍ଗ ଓମେନ୍ ବି କହୁଛନ୍ତି। କାରଣ ସେ ନିଜର ଦୁଇ ଜଙ୍ଘ ମଝିରେ ତରଭୁଜ ରଖି ତାକୁ ଶକ୍ତ ଚାପ ପକାଇ ଫଟାଇ ପାରୁଛନ୍ତି। ଦେଖିବାକୁ ଏହା ସହଜ ଲାଗିପାରେ ହେଲେ ଏହା ଆଦୌ ସହଜ ନୁହେଁ। ସେ ପ୍ରଥମ ତରଭୁଜକୁ ଫଟାଇବା ପରେ ଭଲରେ ଦୁଇ ଜଙ୍ଘକୁ ପୋଛି ଆଉ ଏକ ତରଭୁଜ ରଖନ୍ତି ଫଟାଇବା ପାଇଁ। କାରଣ ଏଭଳି କଲେ ତରଭୁଜ ସ୍ଲିପ୍ ହୋଇ ନ ଥାଏ ବା ଖସି ନ ଥାଏ। ମାତ୍ର ୧ ମିନିଟ୍‌ରେ ସେ ୩ଟି ତରଭୁଜ ଫଟାଇ ଗିନିଜ ୱାର୍ଲଡ୍ ରେକର୍ଡସ୍‌ରେ ସ୍ଥାନ ପାଇଥିଲେ।





## କାର୍ଟୁନ କର୍ନର



# ନିଆରା ଗାଁ



ଗାଁ ସହିତ ମଣିଷର ସମ୍ପର୍କ ବହୁ ପ୍ରାଚୀନ। ପ୍ରତ୍ୟେକ ଗାଁ ପ୍ରତ୍ୟେକଙ୍କ ପାଇଁ ସୁନ୍ଦର। ସବୁ ଗାଁରେ ବି କିଛି ନା କିଛି ବିଶେଷତ୍ୱ ରହିଛି। କିଛିକିଛି ଅଲଗାପଣ ରହିଛି। କୋଉ ଗାଁର ଲୋକମାନେ ପୂଜାପ୍ରାର୍ଥନା ପାଇଁ ମନ ରଖୁଥିବା ବେଳେ କେହି ଗାଁର ପରିମଳ ବ୍ୟବସ୍ଥା ପ୍ରତି ଧ୍ୟାନ ଦେଇଥାନ୍ତି। ସେହିଭଳି କୌଣସି ଗାଁ ତା'ର ପ୍ରାକୃତିକ ପରିବେଶ ତଥା ସୌନ୍ଦର୍ଯ୍ୟ ପାଇଁ ପରିଚିତି ହାସଲ କରିଥାଏ। ତେବେ ବିଶ୍ୱରେ ଏମିତି କିଛି ଗାଁର ଦୃଷ୍ଟାନ୍ତ ଅଛି ଆଉ ସେସବୁ ଗାଁରେ ଏମିତି କିଛି ବିଶେଷତ୍ୱ ବା ନିଆରାପଣ ରହିଛି ଯାହାକୁ ଜାଣିଲେ ଯିଏ କେହି ବି ଆଶ୍ଚର୍ଯ୍ୟ ହୋଇଯିବ। ଆଉ ସବୁଠୁ ବଡ଼କଥା ସେହିସବୁ ଅଲଗାପଣ ପାଇଁ ହିଁ ସେସବୁ ଗାଁ ବିଶ୍ୱରେ ପ୍ରସିଦ୍ଧି ହାସଲ କରିଛି। ସେହିସବୁ ଗାଁ ସମ୍ପର୍କରେ...

**ଏକ କିଡନି ଥିବା ଗାଁ :** କିଡନି ମଣିଷ ଶରୀରର ଏକ ଅତି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ରକ୍ତରେ ଥିବା ଅବର୍ଜନା ସବୁକୁ ପରିଷ୍କାର କରେ। ପ୍ରତ୍ୟେକ ମଣିଷର ଦୁଇଟା କିଡନି ରହିଥାଏ। ମାତ୍ର ନେପାଳର ଗୋଟିଏ ଗାଁ ହେଉଛି 'କିଡ୍‌ନି ଭୈଲୀ' ଗାଁ। ଏହି ଗାଁର ନାଁ ଆଗରୁ କ'ଣ ଥିଲା ସେକଥା କେହି ଜାଣନ୍ତି ନାହିଁ। ମାତ୍ର ଏବେ ଏହା 'କିଡ୍‌ନି ଭୈଲୀ' ଗାଁ ଭାବରେ ପରିଚିତ। ଏହି ଗ୍ରାମର ପ୍ରାୟ ଶତପ୍ରତିଶତ ଲୋକଙ୍କର ଗୋଟିଏ ଲେଖାଏଁ କିଡ୍‌ନି। କାରଣ ସେମାନେ ବିନା ଦ୍ୱିଧାରେ କିଡନି ମାଫିଆମାନଙ୍କୁ ସେମାନଙ୍କ କିଡ୍‌ନି ବିକିଦିଅନ୍ତି। ସେମାନଙ୍କର ଧାରଣା, କିଡନି କାଟିଦେଲେ ଆଉ ଗୋଟେ କିଡନି କଅଁଳି ଉଠିବ। ହେଲେ ଗବେଷକମାନଙ୍କର କହିବା କଥା, ଏମାନେ ଅନ୍ଧବିଶ୍ୱାସର ଶିକାର। ମାଫିଆମାନେ ସେମାନଙ୍କର ସେହି ଅନ୍ଧବିଶ୍ୱାସକୁ ଆହୁରି ବଢ଼େଇ ଚାଲିଛନ୍ତି।

**ବିନା ସଡ଼କରେ ଗାଁ :** ଗାଁ ଥିବ, କିନ୍ତୁ ସଡ଼କ ନଥିବ। ଇଏ କେମିତିକା କଥା ? ଏକଥା କ'ଣ କେହି କେବେ ଶୁଣିଥିବ। ମାତ୍ର ବାସ୍ତବରେ ଏମିତି ହିଁ ଗାଁଟିଏ ଅଛି। ଏଭଳି ଏକ ବିଚିତ୍ର ଗାଁ ରହିଛି ନେଦରଲାଣ୍ଡରେ। ଏହି ଗାଁର ନାଁ ଗିଏଥର୍ନ। ଏହି ଗାଁ ଟି ଅତି ସୁନ୍ଦର ଗାଁ। ଏହାର ସୌନ୍ଦର୍ଯ୍ୟ ଖୁବ୍ ମନଲାଖି। ଥରେ ଯିଏ ଏହି ଗାଁକୁ ଯିବ ସେ ଫେରିବାକୁ ମନ କରିବନି। ତେବେ ଏହି ଗାଁର ଗୋଟିଏ ଅସୁବିଧା ହେଉଛି ଏହି ଗ୍ରାମରେ ସଡ଼କ ନାହିଁ। ସେଥିଲାଗି ଏହି ଗାଁର କୌଣସି ଲୋକଙ୍କ ଘରେ ଗାଡ଼ି କି ମୋଟରଯାନ ନାହିଁ। ଏମିତି ହେବା ପଛରେ ବି ଏକ ରହସ୍ୟ ରହିଛି। ବାସ୍ତବରେ ଏହି ଗାଁର ଅବସ୍ଥିତି ପାଣି ଉପରେ। ଚାରିକଡ଼େ ପାଣି। ତଳେ ପାଣି। କେବେ କିଏ କେଉଁ ପରିସ୍ଥିତିରେ ପଡ଼ି ଏଭଳି ଏକ ନିଆରା ଗାଁର ପ୍ରତିଷ୍ଠା କରିଥିଲା ସେକଥା କାହାରିକୁ ଜଣାନାହିଁ। ଲୋକମାନେ କିନ୍ତୁ ସେଭଳି ଗାଁକୁ ଛାଡ଼ି ଆସିବାକୁ ନାରାଜ। ଯିବା ଆସିବା କରିବା ପାଇଁ ଲୋକମାନଙ୍କର ଏକମାତ୍ର ମାଧ୍ୟମ ନୌକା। ଏହି ଗାଁ ବିଶ୍ୱ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଠାରେ ବର୍ଷର ସବୁ ସମୟ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ।

**କୁଂଫୁ ଭିଲେଜ୍ :** କୁଂଫୁ ଚାଇନାର ଏକ ପାରମ୍ପରିକ ସାମରିକ କଳା। ଏହା ବିଶ୍ୱରେ ଏଭଳି ପ୍ରସିଦ୍ଧି ହାସଲ କରିଛି ଯେ, କୁଂଫୁ ଆଉ ଚାଇନାରେ ସୀମିତ ହୋଇ ରହିନାହିଁ। ଅଧିକନ୍ତୁ ଏହା ସମଗ୍ର ବିଶ୍ୱରେ ଏଭଳି ପ୍ରସାରିତ ହୋଇଯାଇଛି ଯେ, ଅନେକ ସ୍ଥାନରେ କୁଂଫୁ ପ୍ରତିଷ୍ଠାନମାନ ଖୋଲାଯାଇଛି। ତେବେ ଯଦି ଗୋଟିଏ ସ୍ୱତନ୍ତ୍ର କୁଂଫୁ ଗ୍ରାମ ଅଛି ବୋଲି କୁହାଯିବ ତା'ହେଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ। ହେଲେ ଏହା ସତ୍ୟ। ଚୀନର ତିଆଂଝୁରେ ଗୋଟିଏ ଗ୍ରାମ ଅଛି ଯାହାକୁ 'କୁଂଫୁ ଭିଲେଜ' ବୋଲି କୁହାଯାଏ। ଏହି ଗ୍ରାମର ଲୋକମାନେ କୁଂଫୁକୁ ଛାଡ଼ିଦେଲେ ଆଉକିଛି ଜାଣନ୍ତି ନାହିଁ। ଘରର ସମସ୍ତ ସଦସ୍ୟ ଜଣେଜଣେ କୁଂଫୁ ମାଷ୍ଟର। କୁଂଫୁ ଶିଖିବା ପାଇଁ ଏହି ଗ୍ରାମକୁ ବିଶ୍ୱର ବିଭିନ୍ନ ସ୍ଥାନରୁ ଆଗ୍ରହୀମାନଙ୍କର ସୁଅ ଛୁଟିଥାଏ।

**ନୀଳଗ୍ରାମ :** ଗ୍ରାମର ବାସ୍ତବିକ ନାମ ହେଉଛି ଜୁଜକାର। ଏହା ସ୍ପେନ୍‌ରେ ଅବସ୍ଥିତ। ତେବେ ଜୁଜକାର ବୋଲି କହିଲେ କେହି ବୁଝିବେ ନାହିଁ। ତେବେ ଯଦି କୁହାଯାଏ ନୀଳଗ୍ରାମ ବା ବ୍ଲୁ ଭିଲେଜ୍ କେଉଁଠି ତା'ହେଲେ ଲୋକମାନେ ସହଜରେ ବୁଝିଯିବେ। ମଜାର କଥା ହେଉଛି ଏହି ଗ୍ରାମରେ ଥିବା ସବୁ ଘରର ରଙ୍ଗ ନୀଳ। ଏହି ଗ୍ରାମର ଲୋକମାନେ ଜ୍ୟୋତିର୍ବିଦ୍ୟାରେ ଘୋର ବିଶ୍ୱାସୀ। ନୀଳରଙ୍ଗ ସେମାନଙ୍କ ପାଇଁ ସୁଖ ସମୃଦ୍ଧିର ପରିଚୟ ବୋଲି ସେମାନଙ୍କର ବିଶ୍ୱାସ। ସେଥିଲାଗି ଏହି ନୀଳଗ୍ରାମର ପରିକଳ୍ପନା। ତେବେ କେହିକେହି କହନ୍ତି, ଥରେ ଗୋଟିଏ ବିଶେଷ କାର୍ଯ୍ୟ ପାଇଁ କେତେକ ଘରକୁ ନୀଳରଙ୍ଗ କରାଯାଇଥିଲା। ତାହା ଲୋକମାନଙ୍କୁ ଏଭଳି ଭଲ ଲାଗିଲା ଯେ, ପ୍ରତ୍ୟେକ ଲୋକ ନିଜନିଜ ଘରକୁ ନୀଳରଙ୍ଗରେ ରଙ୍ଗୀନ କରିବାକୁ ଲାଗିଲେ।


**ସୂର୍ଯ୍ୟ ଯାଉ ନଥିବା ଗାଁ :** ଏହା ଏମିତି ଏକ ଗାଁ ଯେଉଁଠିକୁ ସୂର୍ଯ୍ୟ ଆସନ୍ତିନି। ବରଂ ସୂର୍ଯ୍ୟଙ୍କୁ ସେଠାକୁ ଆଣିବାକୁ ପଡ଼େ। ଇଟାଲୀର ଏକ ଗାଁ ହେଉଛି ବିଗାନେଲ। ଏହି ଗାଁକୁ ଚାରିପଟରୁ ବଡ଼ବଡ଼ ଘାଟି ସବୁ ଘେରି ରହିଛି। ଘାଟି ମଧ୍ୟରେ ଥିବା ଏହି ଗାଁଟି ଏତେ ତଳେ ରହିଛି ଯେ, ବର୍ଷରେ ତିନିମାସ ସୂର୍ଯ୍ୟଙ୍କର କିରଣ ଏଠାରେ ପଡ଼େନି। ସେଥିପାଇଁ ଲୋକମାନେ ଘାଟି ଉପରେ ବଡ଼ବଡ଼ ଆଇନା ଲଗେଇ ଗାଁ ଭିତରକୁ ସୂର୍ଯ୍ୟକିରଣ ଆଣିଥାନ୍ତି।




ବ୍ଲୁ ଭିଲେଜ୍



କୁଂଫୁ ଗାଁ



କିଡ୍‌ନି ଭୈଲୀ ଗାଁ




ବିଗାନେଲ

ବ୍ୟାକ୍ ପେଜ୍



# ପ୍ଲାଷ୍ଟିକ୍ ଷ୍ଟ୍ରରେ ତିଆରି ସମୁଦ୍ର ଜୁଆର

ପ୍ଲାଷ୍ଟିକ ଆବର୍ଜନା ଦିନକୁ ଦିନ ବଢିବାକୁ ଲାଗିଛି। କେବଳ ସ୍ଥଳ ଭାଗରେ ନୁହେଁ ସମୁଦ୍ରରେ ବି ଏହାର ପରିମାଣ ବଢିବାକୁ ଲାଗିଲାଣି। ତେବେ କାନାଡାର ସ୍ଥପତି ଭନ୍ ଓଙ୍ଗ ଏହି ପ୍ଲାଷ୍ଟିକ ଆବର୍ଜନାକୁ ଭିନ୍ନ ଉପାୟରେ ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି। ଆଉ ଗଢୁଛନ୍ତି ବିଭିନ୍ନ ସ୍ଥାପତ୍ୟ। ନିକଟରେ ତାଙ୍କର ଏକ ସ୍ଥାପତ୍ୟ ବେଶ୍ ଚର୍ଚ୍ଚାକୁ ଆସିଛି। ଅଦରକାରୀଭାବେ ଏଣେତେଣେ ପଡି ରହିଥିବା ପ୍ଲାଷ୍ଟିକ୍ ଷ୍ଟ୍ର'କୁ ବ୍ୟବହାର କରି ସେ ଉକ୍ତ ସ୍ଥାପତ୍ୟଟିକୁ ତିଆରି କରିଛନ୍ତି। ଏହାକୁ ସେ ଭିଏତ୍‌ନାମର ହୋଚି ମିନ୍ ସହରରେ କରିଛନ୍ତି। ଆଉ ଷ୍ଟ୍ର ସଂଗ୍ରହ ମଧ୍ୟ ଭିଏତ୍‌ନାମର ବିଭିନ୍ନ ଡଷ୍ଟବିନ୍‌ରୁ ହୋଇଛି। ୬ ମାସର ସଂଗ୍ରହ ପରେ ତାକୁ ସଫା କରାଯାଇଥିଲା, ରଙ୍ଗ ଅନୁଯାୟୀ ଅଲଗା ଅଲଗା ରଖାଯାଇଥିଲା। ପରେ ଏହାକୁ ନେଇ ସେ ସ୍ଥାପତ୍ୟ ଗଢିବା ଆରମ୍ଭ କରିଥିଲେ। ଆଉ ତିଆରି କରିଥିଲେ ଏକ ବିରାଟକାୟ ସମୁଦ୍ର ଲହଡି ମାଡି ଆସୁଥିବା ଭଳି ସ୍ଥାପତ୍ୟ ; ଯାହାର ଉଚ୍ଚତା ୧୦ ଫୁଟ ୯ ଇଞ୍ଚ, ଲମ୍ବା ୩୬ ଫୁଟ୍ ୨ ଇଞ୍ଚ ଏବଂ ଓସାର ୧୪ ଫୁଟ୍ ୯ ଇଞ୍ଚ ଥିଲା। ପର୍ଯ୍ୟଟକ ଏହା ମଧ୍ୟ ଦେଇ ଗଲାବେଳେ ଏକ ବିରାଟକାୟ ଜୁଆର ମଧ୍ୟରେ ଗଲାଭଳି ଅନୁଭବ କରନ୍ତି।





# ଦାମୀ ପର୍ସ



ପୃଥିବୀର ବିଭିନ୍ନ ସ୍ଥାନରେ କିଛି ନା କିଛି ନିଲାମ ହୋଇଥାଏ। ସେଥିମଧ୍ୟରୁ କିଛିଟା ନିଲାମ ବେଶ୍ ଚର୍ଚ୍ଚାକୁ ଆସିଥାଏ। ସେମିତି ଏକ ନିଲାମ ୨୦୧୮, ଲଣ୍ଡନରେ ହୋଇଥିଲା। ସେତେବେଳେ ନିଲାମ ହୋଇଥିଲା ଏକ ପର୍ସର। ଆଉ ତାହା ଏତେ ଟଙ୍କାରେ ନିଲାମ ହୋଇଥିଲା ଯେ, ସମସ୍ତେ ଚକିତ ହୋଇଯାଇଥିଲେ। ଅଧିକ ଦାମ୍ ହିସାବରେ ଏହା ଏକ ୟୁରୋପୀୟ ରେକର୍ଡ ବି କରିଥିଲା। ୧ କୋଟି ୫୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱରେ ତାହା ନିଲାମ ହୋଇଥିଲା। ଉକ୍ତ ପର୍ସର ବିଶେଷତ୍ୱ ହିଁ ଏଭଳି ଯେ, ତାହା ସର୍ବାଧିକ ମୂଲ୍ୟରେ ନିଲାମ ହେଲା। ପର୍ସରେ ୧୮ କ୍ୟାରେଟ୍‌ର ହ୍ୱାଇଟ୍ ଗୋଲ୍ଡ ଓ ହୀରା ଖଚିତ ହୋଇଛି। ଫ୍ରାନ୍ସର ଲକଜ୍ୟୁରି ଫ୍ୟାଶନ୍ ହାଉସ୍ ହର୍ମେଶ ଏହି ବ୍ୟାଗକୁ ଡିଜାଇନ୍ କରିଛି। ବ୍ୟାଗ୍‌ର ନାମ ବର୍କିନ୍ । ପ୍ରସିଦ୍ଧ ଅଭିନେତ୍ରୀ ତଥା ଗାୟିକା ଜେନି ବର୍କିନ୍‌ଙ୍କ ନାମାନୁସାରେ ଏହାର ନାମକରଣ ହୋଇଥିଲା। ହର୍ମେଶ୍ ବ୍ରାଣ୍ଡର ପର୍ସଗୁଡିକ ସବୁବେଳେ ଅଧିକ ଟଙ୍କାରେ ବିକ୍ରି ହୋଇଥାଏ। ଆଉ ସେଲିବ୍ରିଟିଙ୍କର ଏହା ବହୁତ ପ୍ରିୟ।



# ଘର ପତଳା, ଦାମ ବେଶି



ସମସ୍ତେ ନିଜ ସ୍ୱପ୍ନର ଘରକୁ ସୁନ୍ଦର କରିବାକୁ ଚାହାନ୍ତି। ସେଥିପାଇଁ ତ ବିଭିନ୍ନ ପ୍ରକାର ଡିଜାଇନ୍‌ର ଘର ସାରା ପୃଥିବୀରେ ଅଛି। ହେଲେ ଜାଣନ୍ତି କି ଏମିତି ଏକ ଘର ଅଛି, ଯାହାକୁ ପ୍ରଥମ ନଜରରେ କେହି ଘର ବୋଲି ଭାବିବେ ନାହିଁ। କାରଣ ଏହା ବହୁତ ପତଳା। ଆମେରିକାର ସିକାଗୋରେ ଅଛି ଉକ୍ତ ଘରଟି। ଏହାକୁ ଦେଖିଲେ ଲାଗେ ସତେ ଯେମିତି କେହି ଏହାକୁ କାଟି ଦେଇଛି। ଘରର ନା ହେଉଛି 'ପାଇ ହାଉସ୍'। ୨୦୦୩ରେ ଏହାକୁ ଇଲିନୋଇସ୍‌ର ଡିୟର୍ ଫିଲ୍ଡ ନାମକ ଜଣେ ବ୍ୟକ୍ତି ତିଆରି କରିଥିଲେ। ଘରଟି ଏତେ ପତଳା ଯେ, ଏବେ ପର୍ଯ୍ୟଟକଙ୍କର ଆକର୍ଷଣର କେନ୍ଦ୍ର ପାଲଟି ଯାଇଛି। ଉକ୍ତ ଘରର କାନ୍ଥର ଓସାର ମାତ୍ର ୩ ଫୁଟ୍। ଏହାର ଗୋଟିଏ ବେଡରୁମ୍ ତଳେ ଓ ଆଉ ଗୋଟେ ଉପରେ ଅଛି। ଏଥିରେ ବେସ୍‌ମେଣ୍ଟ, ବାଥରୁମ, ପାର୍କିଂ ପ୍ୟାଡ୍ ବି ଅଛି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏହାର ମାଲିକ ଘରକୁ ନିକଟରେ ୧ କୋଟି ୯୩ ଲକ୍ଷ ୮୯ ହଜାର ଟଙ୍କାରେ ବିକ୍ରି କରିଛନ୍ତି।